# ସହର, ଉପାନ୍ତ ଅଞ୍ଚଳ ଅପରାଧପ୍ରବଣ ହେଉଛି

■ କର୍ମନିଯୁକ୍ତି, ଅନୁପ୍ରବେଶ ସମସ୍ୟାରେ କେନ୍ଦ୍ରାପଡ଼ା ଜିଲା
■ ଭଡ଼ାଟିଆଙ୍କ ସୂଚନା ଘର ମାଲିକ ରଖୁ ନାହାନ୍ତି
■ ସରକାରୀ ଜମି ଜବରଦଖଲକୁ ଯାଉଛି

**କେନ୍ଦ୍ରାପଡ଼ା ଅଫିସ, ୨୧।୨**

ଦୀର୍ଘ ଦୁଇ ଦଶନ୍ଧି ଧରି କେନ୍ଦ୍ରାପଡ଼ା ଜିଲା ଅପରାଧ ପ୍ରବଣ ହେବାରେ ଲାଗିଛି। ଏହି ସମୟ ଅବଧିରେ ଜିଲାକୁ ବାଂଲାଦେଶୀ ଅନୁପ୍ରବେଶ ଉତ୍କଟ ରୂପ ଧାରଣ କରିଥିବା ବେଳେ ସହର ଓ ଉପାନ୍ତ ଅଞ୍ଚଳ ଅପରାଧୀଙ୍କ ଚରାଭୂଇଁ ପାଲଟି ଯାଇଛି। କ୍ରମାଗତ ଭାବେ ଯୁବ ଅପରାଧୀଙ୍କ ବୃଦ୍ଧି ଚିନ୍ତାର କାରଣ ସାଜିଛି। ସେହିପରି ସରକାରୀ ଜମି ଜବରଦଖଲ, ଲୁଟ, ଛିନତାଇ, ଚୋରି ଘଟଣାରେ ସ୍ଥାନୀୟ ଜିଲାବାସୀ ଅତିଷ୍ଠ ହେଉଛନ୍ତି। ନିକଟରେ ଆଳି, ରାଜକନିକା ଅଞ୍ଚଳରେ ୨ଟି ବଡ ଧରଣର ଚୋରି ଘଟଣା ଜିଲା ପୋଲିସ ନିକଟରେ ପହଞ୍ଚିଛି। ଏଟିଏମ୍ ଲୁଟ ଘଟଣା, ସହର, ଜାତୀୟ ଓ ରାଜ୍ୟ ରାଜପଥରୁ ଟଙ୍କା ଛଡେଇ ନେବା ଘଟଣା ଜିଲା ପୋଲିସକୁ ନକେଦମ କରୁଛି। ସହର ଓ ଆଭ୍ୟନ୍ତର ଅଞ୍ଚଳରେ ଘର ଭଡାଟିଆଙ୍କ ସମ୍ପର୍କରେ ଘର ମାଲିକ ନିକଟସ୍ଥ ଥାନାରେ ସୂଚନା ଦେବାକୁ ୨୦୧୬ରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଗତ ୬ ବର୍ଷ ମଧ୍ୟରେ ଏ ନେଇ ଗୋଟାଏ ମଧ୍ୟ ସଫଳତା ମିଳିନି।

ସାମାଜିକ କର୍ମୀ ଅମରବର ବିଶ୍ୱାଳ କହିଛନ୍ତି, ପୂର୍ବରୁ ଏହି ସମସ୍ୟା ଅଧିକ ଜଣାପଡୁ ନ ଥିଲା। ଗତ ୩ ବର୍ଷର ତଥ୍ୟକୁ ଅନୁଶୀଳନ କଲେ ଲୁଟ, ବଳାତ୍କାର, ଛିନତାଇଠାରୁ ଆରମ୍ଭ କରି ହତ୍ୟା ଘଟଣା ବୃଦ୍ଧି ପାଉଥିବାରୁ ଏ ନେଇ ଜିଲା ପୋଲିସର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କର୍ମ ନିଯୁକ୍ତି ପାଇଁ ପର୍ଯ୍ୟାପ୍ତ ଯୋଜନା ନ ଥିବାରୁ ଯୁବବର୍ଗ ଅପରାଧିକ କାର୍ଯ୍ୟକଳାପ ପ୍ରତି ଆକୃଷ୍ଟ ହେଉଛନ୍ତି। ଜିଲାରେ ମାନବ ଚାଲାଣ ବୃଦ୍ଧି ପାଇଛି। ନାବାଳିକା, ମହିଳାଙ୍କୁ ଜିଲା ଓ ବାହାରର ଲୋକ ଜିଲାରୁ ନେଇ ଯାଉଥିବା ଥାନାରେ ମାମଲା ହେଉଛି। ତେବେ ଥାନାରେ ଏହା ଏକ ପ୍ରେମ ବ୍ୟାପାର କହି ମିସିଂ କେସ୍ ପଞ୍ଜୀକୃତ କରୁଛନ୍ତି। ପରବର୍ତ୍ତୀ ସମୟରେ ସେହି ନାବାଳିକା, ଯୁବତୀ ଅଥବା ମହିଳାଙ୍କ ପରିବାର ସଦସ୍ୟଙ୍କ ତତ୍ପରତା ଯୋଗୁ ଦେଶ ବିଦେଶରୁ ଉଦ୍ଧାର ପରେ ସେମାନଙ୍କ ନିର୍ଯାତନାର କାହାଣୀ ଗଣମାଧ୍ୟମରେ ପ୍ରକାଶ ପାଉଛି। ବୁଦ୍ଧିଜୀବୀ ଜଗଦୀଶ ପତି କହିଛନ୍ତି, ବୁଲା ବେପାରୀ ଓ କେତେଜଣ ଅଜ୍ଞାତ ବ୍ୟକ୍ତି ଜିଲାର ବିଭିନ୍ନ ସରକାରୀ ସ୍ଥାନରେ ଅସ୍ଥାୟୀ ଘର କରି ରହିଥିଲେ ମଧ୍ୟ ଜିଲା ପ୍ରଶାସନ ଏଥିରେ ନୀରବ ରହୁଛି। ସହରର ଅତି ନିକଟରେ ଥିବା ତନାର ଗ୍ରାମରେ ଗତ ୫ବର୍ଷ ମଧ୍ୟରେ ଅହେତୁକ ଜନସଂଖ୍ୟା ବଢ଼ିଛି। ପ୍ରାୟ ୨୫ ପ୍ରତିଶତ ଲୋକଙ୍କ ପରିଚୟ ଏବେ ବି ଅଜଣା ଅଛି। ଏମାନେ କିଏ ଓ କେଉଁଠାରୁ ଆସିଛନ୍ତି, କ'ଣ କରୁଛନ୍ତି ଆଦି ପ୍ରଶ୍ନର ଉତ୍ତର ଗ୍ରାମବାସୀ ମଧ୍ୟ ଜାଣିବାକୁ ପାଉନାହାନ୍ତି। ଏଥିପାଇଁ ଗ୍ରାମବାସୀ ଜିଲା ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି। ପ୍ଲାଷ୍ଟିକ ଖେଳନା, ବେଡସିଟ୍, ମହୁ, ଚାବି ଆଦି ବୁଲି ବିକ୍ରି କରୁଥିବା ଲୋକଙ୍କ ଆଶାନୁରୂପକ ଉପାର୍ଜନ ନ ଥିଲେ ମଧ୍ୟ ଉନ୍ନତ ଧରଣର ଚଳଣିରେ ଅଛନ୍ତି। ବାହାର ଜିଲାରୁ ଆସି ଏଠାରେ ଘରଭଡ଼ାରେ ରହିଥିବା ଲୋକ ହତ୍ୟା ପରି ଅପରାଧ କରି ଫେରାର ହେଉଛନ୍ତି। ଏପରି କ୍ଷେତ୍ରରେ ଘରଭଡ଼ା ନେଉଥିବା ଜିଲା ବାହାରର ଲୋକଙ୍କ ପରିଚୟପତ୍ର ଥାନାରେ ରଖିବା ଜରୁରୀ ହୋଇଥିବା ସେ ମତ ଦେଇଛନ୍ତି। ସୂଚନା ଅଧିକାର କର୍ମୀ ପ୍ରକାଶ ଚନ୍ଦ୍ର ଦାସ କହିଛନ୍ତି, ଖୋଲାମେଲା ସମୁଦ୍ର ତଟ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଜିଲାର ୩ ସାମୁଦ୍ରିକ ଥାନାର ଭିତ୍ତିଭୂମି ଅଭାବର ସୁଯୋଗ ନେଇ ସେମାନେ ଉପାନ୍ତ ଅଞ୍ଚଳକୁ କବଳିତ କରିଛନ୍ତି। ରୋଜଗାରର ପନ୍ଥା ଭାବେ ବେଆଇନ ଚିଙ୍ଗୁଡି ଚାଷ, ବନ୍ୟ ଜନ୍ତୁ ଶିକାର, ବନ୍ୟ ସମ୍ପଦ ଲୁଟ ଆଦିରେ ସମ୍ପୃକ୍ତି ରହୁଛି। ଏହି ଅପରାଧରେ ବାଳ ଅପରାଧୀଙ୍କୁ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଏସ୍‌ଡିପିଓ ଜୟନ୍ତ ମହାପାତ୍ରଙ୍କୁ ପଚାରିବାରେ ନିକଟରେ ଜିଲା ପୋଲିସ ପକ୍ଷରୁ ମହାକାଳପଡ଼ା ବ୍ଲକ ବଟିଘରଠାରେ ଅନୁପ୍ରବେଶକୁ ନେଇ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ବାହାର ବ୍ୟକ୍ତିଙ୍କ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ହୋଇପାରିଲେ ଜିଲାରେ ଆପରାଧିକ ମାମଲାର ସଂଖ୍ୟା କମିବ ବୋଲି ସେ କହିଛନ୍ତି।

# ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା



ରସୁଲପୁର ସମିତି ସମ୍ମୁଖରେ ଚାଷୀମାନେ ଧାରଣା ଦେଇଛନ୍ତି।

## ଧାନକିଣାରେ ଅନିୟମିତତା

**ରସୁଲପୁର,୨୧।୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନ ୧୧ କୃଷି ସମବାୟ ସମିତି ମଧ୍ୟରୁ ରସୁଲପୁର ସମିତି ଏକ ଅଗ୍ରଣୀ ସମିତି ଭାବେ ଜଣା। ଧାନକିଣା, ଚାଷୀମାନଙ୍କୁ ବିହନ ବଣ୍ଟନ, କୃଷିଋଣ ଆଦି ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅନିୟମିତତା ହେଉଥିବାକୁ ନେଇ ସମିତି ଅନେକ ସମୟରେ ଚର୍ଚ୍ଚାର ପରିଧି ମଧ୍ୟକୁ ଆସିଛି। ସମବାୟ ସମିତି ସମ୍ପାଦକ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ମନମୁଖୀ କାମ ଯୋଗୁ ଚାଷୀମାନେ ସେମାନଙ୍କ ନ୍ୟାର୍ଯ୍ୟ ଦାବିରୁ ବଞ୍ଚିତ ହେଉଛନ୍ତି। ସମିତିର ସମ୍ପାଦକଙ୍କ ଚାଷୀ ମାରଣ ନୀତି ଯୋଗୁଁ ବ୍ୟବସାୟୀ, କଳାବଜାରୀ, ମିଲ ମାଲିକମାନେ ମାଲାମାଲ ହେଉଥିବା ବେଳେ ଗରୀବ ଚାଷୀକୁ ସମିତି ପକ୍ଷରୁ କୌଣସି ସୁବିଧା ମିଳି ପାରୁନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଧାନ ବିକ୍ରିରୁ ବଞ୍ଚିତ ହୋଇଥିବା ଚାଷୀମାନଙ୍କୁ ଟୋକନ ପ୍ରଦାନ କରାଯାଇଛି, କେତେଜଣ ଚାଷୀଙ୍କଠାରୁ ମେଶିନରେ ଟିପ ଚିହ୍ନ ନିଆଯାଇଛି, ଆଉ କେତେକ ଚାଷୀ ଧାନ ସାମ୍ପଲ ଦେବା ପରେ ସେମାନଙ୍କଠାରୁ ଧାନ କିଣିବେ ବୋଲି କହି ସମିତିକୁ ଧାନ ମଗାଇ ତାକୁ ପୁଣି ଫେରାଇ ଦିଆଯାଇ ଥିବା ଭଳି କେତେକ ସଙ୍ଗୀନ ଅଭିଯୋଗ ଆସିଛି। ଏଭଳି ନାନା ଅଭିଯୋଗ ନେଇ ସୋମବାର ଚାଷୀ ପଞ୍ଚାନନ ବେହେରା, ପର୍ଶୁରାମ ସାହୁ, ସଦାନନ୍ଦ ଆଏଚ, ବାଇଧର ବେହେରା, କାଳିନ୍ଦୀ ବେହେରା, ନାରାୟଣ ଚନ୍ଦ୍ର ବେହେରା, ବିନୋଦ ବେହେରା, ନରହରୀ ବେହେରା, ମହେଶ୍ୱର ସାହୁଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ଚାଷୀ ସମିତିକୁ ଅଭିଯୋଗ କରିବାକୁ ଆସିଥିଲେ। ସମ୍ପାଦକ ନିରଞ୍ଜନ ବାରିକଙ୍କୁ ଚାଷୀମାନେ ଦେଖା ପାଇ ନ ଥିଲେ। ସମ୍ପାଦକ ବାରିକ ନ ଆସିବା ପର୍ଯ୍ୟନ୍ତ ଚାଷୀମାନେ ସମିତି ସମ୍ମୁଖରେ ଧାରଣାରେ ବସିବେ ବୋଲି ଜିଦ୍ ଧରିଥିଲେ। ସମ୍ପାଦକ ଅଫିସ କାମରେ ବାହାରକୁ ଯାଇଥିବା ଦର୍ଶାଇ କାର୍ଯ୍ୟାଳୟକୁ ଆସି ନ ଥିଲେ। ଶେଷରେ ଚାଷୀମାନେ ନିରାଶ ହୋଇ ଘରକୁ ଫେରି ଥିଲେ। ମଙ୍ଗଳବାର ଚାଷୀମାନେ ଏ ସମ୍ପର୍କରେ ଯାଜପୁର ଜିଲାପାଳଙ୍କୁ ଅଭିଯୋଗ କରିବା ସହ ପୁନର୍ବାର ସମିତିକୁ ଯାଇ ସମ୍ପାଦକ ନିରଞ୍ଜନ ବାରିକଙ୍କୁ ଭେଟି ଅଭିଯୋଗ କରିଥିଲେ। ଧାନ କିଣିବାକୁ ଉପରୁ ନିର୍ଦ୍ଦେଶ ଆସିଲେ ସେ ଯାହାକିଛି ପଦକ୍ଷେପ ନେବେ ବୋଲି ଚାଷୀମାନଙ୍କୁ ବୁଝାଇ କହିଥିଲେ। ଚାଷୀମାନଙ୍କୁ ନ୍ୟାୟ ନ ମିଳିଲେ ସେମାନେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ସହ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ହାସଲ କରି ଧାନ ବିକ୍ରିରେ ହୋଇଥିବା ଅନିୟମିତତାର ସମ୍ପର୍କରେ ସାଧାରଣରେ ପ୍ରଘଟ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ଦିଗରେ ସମ୍ପାଦକ ନିରଞ୍ଜନ ବାରିକ ଗଣମାଧ୍ୟମକୁ ମତ ଦେଇ କହିଛନ୍ତି ଯେ, ଚାଷୀମାନେ ପଞ୍ଜୀକରଣ ସମୟରେ ଟିପଚିହ୍ନ ଓ ଦସ୍ତଖତ କରିଥିଲେ। ଧାନ କ୍ରୟ କରିବା ପାଇଁ ସେ କାହିରଠାରୁ ଟିପଚିହ୍ନ ନେଇନାହାଁନ୍ତି ବୋଲି ଖଣ୍ଡନ କରିଛନ୍ତି। ତେବେ ସେ ଚାଷୀମାନଙ୍କଠାରୁ ଅଭିଯୋଗ ପାଇଛନ୍ତି। ହେଲେ ଧାନ କିଣିବାକୁ ନିର୍ଦ୍ଦେଶ ଆସିଲେ ସେ ଯାହାକିଛି କରିପାରିବେ ବୋଲି ମତ ରଖିଛନ୍ତି।

# ପ୍ରେମିକଙ୍କ ଘରେ ପ୍ରେମିକାଙ୍କ ଆତ୍ମହତ୍ୟା

## ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ବ୍ରହ୍ମବରଦା,୨୧।୨(ଡି.ଏନ.ଏ.)**

ଯାଜପୁର ସଦର ଥାନା ଅର୍ନ୍ତଗତ ସାମନ୍ତରାପୁର ପଞ୍ଚାୟତ ରସୁଣା ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବିବାହିତ ମହିଳା ନିଜର ବିବାହିତ ପ୍ରେମିକଙ୍କ ଘରେ ପହଞ୍ଚି ସ୍ତ୍ରୀର ମାନ୍ୟତା ପାଇବା ପାଇଁ ଦାବି କରିଥିଲେ। ଏଥିରେ ବିଫଳ ହେବାରୁ ସେ ବେକରେ ଓଢଣୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ହେଲେ ସମ୍ପୃକ୍ତ ମହିଳାଙ୍କ ଶାଶୁଘର ଲୋକେ ଏହି ଘଟଣାକୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, କଟକ ଜିଲା ଧୁଳିଶ୍ୱର ବାଇଶିମୌଜା ଗ୍ରାମର ଜଣେ ମହିଳାଙ୍କ ସହ ଯାଜପୁର ସଦରଥାନା ଅନ୍ତର୍ଗତ ରସୁଣା ଗ୍ରାମର ବିଦ୍ୟାଧର ସାହୁଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ବିଦ୍ୟାଧର ବାଇଶିମୌଜାକୁ ଯାଇ ଧାନ ବେପାର କରୁଥିବା ସମୟରେ ସମ୍ପୃକ୍ତା ମହିଳାଙ୍କୁ ସେ ଭଲପାଇ ବସିଥିଲେ। ଏପରି କି ସୁଯୋଗ ଦେଖି ବିଦ୍ୟାଧର କୁଆଡ଼େ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଆସୁଥିଲେ। ଏଥିପାଇଁ ସମ୍ପୃକ୍ତା ମହିଳା ନିଜ ସ୍ୱାମୀ, ଶାଶୁ, ଶଶୁରଙ୍କ ସହ ଦୁଇ ପିଲାଙ୍କୁ ଛାଡ଼ି ବିଦ୍ୟାଧରଙ୍କୁ ବିବାହ କରିବାକୁ ଇଚ୍ଛାପ୍ରକାଶ କରିଥିଲେ। ହେଲେ ବିଦ୍ୟାଧର ଆଜି କାଲି କହି ତାଙ୍କୁ ଠକି ଚାଲିଥିଲେ। ଏହାକୁ ନେଇ ସମ୍ପୃକ୍ତା ମହିଳାଙ୍କ ମନରେ ସନ୍ଦେହ ହେବାରୁ ସେ ଶାଶୁ ଘରୁ ସୋମବାର ସକାଳୁ ଔଷଧ କିଣିବାକୁ ଯାଉଛି କହି ବିଦ୍ୟାଧରଙ୍କୁ ଘରକୁ ଚାଲିଆସିଥିଲେ। ସେଠାରେ ପହଞ୍ଚି ବିଦ୍ୟାଧର ଘରେ ନ ଥିବା ଜାଣିବା ପରେ ସେ ବ୍ୟସ୍ତ ହୋଇପଡିଥିଲେ। ଏହାପରେ ସେ ବିଦ୍ୟାଧରଙ୍କ ପରିବାର ଲୋକଙ୍କ ସହ ଝଗଡ଼ା କରିବା ସହ ଘରର ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ଏପରି ପରିସ୍ଥିତିରେ ପରିବାର ଲୋକମାନେ ଭୟରେ ପଦାକୁ ଚାଲି ଆସିଥିଲେ। ଏହାପରେ ସମ୍ପୃକ୍ତା ମହିଳା ଘରର ଭିତରପଟ କବାଟ ବନ୍ଦ କରି ଫ୍ୟାନ୍‌ରେ ଓଢ଼ଣୀ ବାନ୍ଧି ଝୁଲି ପଡିଥିଲେ। ଏନେଇ ପରିବାର ଲୋକେ ଯାଜପୁର ସଦରଥାନାରେ ଲିଖିତ ଭାବେ ଜଣାଇଥିଲେ। ଅନ୍ୟପକ୍ଷେ ଏ ସଂକ୍ରାନ୍ତରେ ଖବର ପାଇବା ପରେ ସମ୍ପୃକ୍ତା ମହିଳାଙ୍କ ଶାଶୁଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସଦରଥାନାର ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ରଙ୍କ ସହ ରସୁଲପୁର ତହସିଲଦାର ନିରଞ୍ଜନ ସାହୁ ଓ ସାଇଣ୍ଟିଫିକ୍ ଟିମ ପହଞ୍ଚି ସମସ୍ତଙ୍କ ଉପସ୍ଥିତରେ ଘରର କବାଟ ଭାଙ୍ଗି ମୃତଦେହ ଜବତ କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ. ୪୫/୨୩)ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ମୃତା ମହିଳାଙ୍କ ବାପ ଘର ବାଲିଚନ୍ଦ୍ରପୁର ଥାନା ଅର୍ନ୍ତଗତ ତାଲୁଆ ଗ୍ରାମରେ ବୋଲି ଜଣାପଡ଼ିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସତ୍ୟ



@ ସୌମ୍ୟ



@ କମଳା



@ ବିପିନ



@ ସୋମନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରୂପାନ୍ତରୀକରଣ ଉଚ୍ଚ ବିଦ୍ୟାଳୟର ସ୍ଥିତି ସମୀକ୍ଷା




ସମୀକ୍ଷା ବୈଠକରେ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ।

## ୩୨ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟ ସୁପରିଚାଳନା ପାଇଁ ପରାମର୍ଶ

**ରସୁଲପୁର,୨୧।୨(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନରେ ୪୪ଟି ହାଇସ୍କୁଲ ରହିଛି। ସେଥିମଧ୍ୟରୁ ୩୨ଟି ଉଚ୍ଚ ବିଦ୍ୟାଳୟକୁ ୫-ଟି ଯୋଜନା ଜରିଆରେ ରୂପାନ୍ତରୀକରଣ କରାଯାଇଛି। ଯୋଜନାରୁ ଉପଲବ୍ଧ ଅର୍ଥରେ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀ ଗୃହ, ଇ-ଲାଇବ୍ରେରୀ, ଇ-ଲାବ୍ରୋଟାରୀ, ଖେଳପଡିଆ, ଶୌଚାଳୟ, ବଗିଚା ଆଦି ଭିତ୍ତିଭୂମିର ବିକାଶ କରାଯାଇଛି। ଏହି ସ୍ଥିତିକୁ ସମୀକ୍ଷା କରିବା ପାଇଁ ପ୍ରଧାନଶିକ୍ଷକମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଭିତ୍ତିଭୂମିର ଉପଯୁକ୍ତ ବ୍ୟବହାର, ରକ୍ଷଣାବେକ୍ଷଣ, ସୁ-ପରିଚାଳନା ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ, ଶୌଚାଳୟ ପରିଚାଳନା, ପୁଷ୍ଟିକର ବଗିଚା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟର ପରିଚାଳନା ଦାୟିତ୍ୱ ମହିଳାମାନଙ୍କ ଉପରେ ନ୍ୟାସ୍ତ କରାଯିବାକୁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ରୂପାନ୍ତରିକରଣ ବିଦ୍ୟାଳୟର ପରିଚାଳାନ ଦାୟିତ୍ୱ ପ୍ରଦାନ କରାଯିବ। ପରିଚାଳନା ବାବଦକୁ ଅନୁଦାନ ପ୍ରଦାନ ଓ ତାର ସୁ-ବିନିଯୋଗ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଭିତ୍ତିଭୂମିରେ ତ୍ରୁଟିକୁ ସଜାଡିବା, ଶୌଚାଳୟକୁ ସଠିକ୍ ପରିଚାଳନା କରିବା ଉପରେ ପ୍ରଧାନଶିକ୍ଷକମାନେ ଗୁରୁତ୍ୱ ଦେବାକୁ ପରାଶର୍ମ ଦିଆଯାଇଛି। ପ୍ରଧାନଶିକ୍ଷକମାନଙ୍କୁ ନେଇ ପ୍ରତ୍ୟେକ ମାସରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଉକ୍ତ ସମୀକ୍ଷା ଜରିଆରେ ବିଦ୍ୟାଳୟର ତ୍ରୁଟିରେ ସୁଧାର ଅଣାଯିବାକୁ ପ୍ରୟାସ କରାଯିବ ବୋଲି କୁହାଯାଇଛି। ଏହାଛଡା ପ୍ରଧାନ ଶିକ୍ଷକମାନେ ବିଦ୍ୟାଳୟରେ ରହିଥିବା ସମସ୍ୟାକୁ ନେଇ ବୈଠକରେ ସୂଚନା ପ୍ରଦାନ କରିଥିଲେ।

# ବରିଷ୍ଠ ଖବରଦାତା କ୍ଷେତ୍ରମୋହନ ମିଶ୍ରଙ୍କ ପରଲୋକ

**ଦଶରଥପୁର,୨୧।୨(ଡି.ଏନ.ଏ.) :**

ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ମୁରାରୀପୁର ଗ୍ରାମର କ୍ଷେତ୍ରମୋହନ ମିଶ୍ର(୮୬)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ଥିଲେ। ସେ ଦୀର୍ଘ ଦିନ ଖବରଦାତା ଭାବେ କାମ କରି ସାଧାରଣଲୋକଙ୍କ ସ୍ୱର ପାଲଟିଥିଲେ। ତାଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗତ କିଛି ଦିନ ତଳେ ସେ ନିଜର ସମସ୍ତ ସମ୍ପତ୍ତି ସରକାରଙ୍କୁ ଦାନ କରିବା ନିମନ୍ତେ ଜିଲାପାଳଙ୍କୁ ଲିଖିତଭାବେ ଜଣାଇ ଗଣମାଧ୍ୟମର ଚର୍ଚ୍ଚାରେ ରହିଥିଲେ। ତାଙ୍କ ବିୟୋଗରେ ବରିଷ୍ଠ ଖବରଦାତା ପୂର୍ଣ୍ଣଚନ୍ଦ୍ର ଦେଓ, ସୁଶାନ୍ତ କୁମାର ବେହୁରିଆ, ଚନ୍ଦ୍ର ଶେଖର ସାହୁ ,ଶଙ୍କର୍ଷଣ କୁଣ୍ଡୁ, ଉମାକାନ୍ତ ଧଳ, ଜଗନ୍ନାଥ ଧଳ, ଅକ୍ଷୟ ଦାସ, ବିଜୟ ଦାସ, ମାନସ ରଞ୍ଜନ ଜେନା, କୌଶିକ ଦାସ, ମହେଶ୍ୱର ଜେନା,ପ୍ରତ୍ୟୁଷ ନାୟକ, ପ୍ରଦୀପ ମହାନ୍ତି, ମନୋଜ ପରିଡା, ମନୋଜ ପୃଷ୍ଟି, ଶୈଳେନ୍ଦ୍ର ସାମଲ, ବିଶ୍ୱଭୂଷଣ ବିଶ୍ୱାଳ, ଯତିନ୍ଦ୍ରନାଥ କର, ଜୟପ୍ରକାଶ ନାୟକ, ଦେବେନ୍ଦ୍ର ସାମଲ, ସବ୍ୟସାଚୀ ଦାସ, ପ୍ରତାପ ମଲ୍ଲିକ, , ବିରଜା ପାଣି, ଚନ୍ଦ୍ରନାରାୟଣ ଦାସ, ଧିରେନ୍ଦ୍ର ମଲ୍ଲିକ, ମାନସ ସାହୁ, ଭାଗିରଥି ଜେନା, ଚିତ୍ତରଞ୍ଜନ ମଲ୍ଲିକ,ବିଶ୍ୱଜିତ୍ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଅନିଶ୍ଚିତତାରେ ଆଖଡ଼ାସାହି ସ୍ଲୁଇସ୍ ଗେଟ୍






ଆଖଡ଼ାସାହିଠାରେ ଅସମ୍ପୂର୍ଣ୍ଣ ସ୍ଲୁଇସ୍ ଗେଟ୍ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ସୂଚନା ଫଳକ।

■ ଜମି ଅଧିଗ୍ରହଣ ବାଧକ ସାଜିଛି
■ ମହାନଦୀ ଲୁଣି ପାଣି କ୍ଷେତରେ ମାଡ଼ୁଛି
■ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ଶିଳାନ୍ୟାସକୁ ୧୦ ବର୍ଷ ବିତିଲା

**ମହାକାଳପଡ଼ା,୨୧।୨ (ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ୬ଟି ପଞ୍ଚାୟତର ୨ ହଜାର ହେକ୍ଟରରୁ ଅଧିକ ଚାଷ ଜମିରେ ସାମୁଦ୍ରିକ ଲୁଣି ପାଣି ପ୍ରବେଶ ଯୋଗୁ ବର୍ଷକର ଧାନ ଫସଲ ନଷ୍ଟ ହେଉଥିବା ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀମାନଙ୍କ ଜୀବନ ରେଖା କୁହାଯାଉଥିବା ମହାନଦୀ ଶାଖା ଗୁପ୍ତଗିରି ନଦୀକୁ ସଂଯୋଗ କରିଥିବା ଆଖଡ଼ାସାହିଠାରେ ୧୯୯୫-୯୬ ମସିହାରେ ଏକ ସ୍ଲୁଇସ୍ ଗେଟ୍ ୫୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ କାର୍ଯ୍ୟର ବୈଷୟିକ ତ୍ରୁଟି ଯୋଗୁଁ ୨୦୦୧-୨୦୦୨ରେ ଏହି ପ୍ରକଳ୍ପଟି ସମ୍ପୂର୍ଣ ଭୁଷୁଡ଼ି ପଡ଼ିଥିଲା। ତେବେ ଏହି ପ୍ରକଳ୍ପଟି ଭୁଷୁଡ଼ି ପଡ଼ିବା ଫଳରେ ଶତାଧିକ ଏକର ଚାଷ ଜମିର ଧାନ ଫସଲରେ ବ୍ୟାପକ ପରିମାଣରେ ଲୁଣି ପାଣି ପ୍ରବେଶ କରି ଫସଲ ନଷ୍ଟ ହୋଇଥିଲା। ଚାଷୀମାନଙ୍କ ହିତ ଦୃଷ୍ଟିକୁ ଲକ୍ଷ୍ୟ କରି ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ (ନଦୀ ତଟବନ୍ଧ ବିଭାଗ) ପକ୍ଷରୁ ଉକ୍ତ ସ୍ଥାନର ଭଗ୍ନ ସ୍ଲୁଇସ୍‌ଠାରୁ ୨ ଶହ ମିଟର ଦୂରତା ମଧ୍ୟରେ ଅନ୍ୟ ଏକ ସ୍ଥାନରେ ୨୦୧୩ରେ ୭ କୋଟି ଟଙ୍କା ବ୍ୟୟ ଅଟକଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନ ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୧୮-୧୯ ଶେଷ ହୋଇଥିଲା। ତେବେ ଏହି ପ୍ରକଳ୍ପର ଉଭୟ ପାର୍ଶ୍ୱରେ ଘରୋଇ ଜମି ଥିବାରୁ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇ ପାରି ନ ଥିଲା। କାରଣ ଉଭୟ ପାର୍ଶ୍ୱରେ ଘରୋଇ ଜମି ଅଧିଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିଲା। ହେଲେ ଜମି ଅଧିଗ୍ରହଣ କରିବାରେ ବିଳମ୍ବ ଘଟୁଛି। ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ଅଦ୍ୟାବଧି ନୂଆ ସ୍ଲୁଇସ ଗେଟ୍‌ଟି କାମରେ ଆସୁନାହିଁ ବୋଲି ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ସ୍ଲୁଇସ୍ ଗେଟ୍‌ରେ ଲାଗିଥିବା ଲୁହା କବାଟ, ଲୁହା କଡି ଆଦି କଳଙ୍କି ଲାଗି ଝରି ପଡ଼ିଲାଣି ବୋଲି ଦେଖିବାକୁ ମିଳିଛି। ଫଳାରେ ଏହି ସ୍ଲୁଇସ୍ ଗେଟ୍ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳର ଚାଷୀଙ୍କ ଭାଗ୍ୟ ବଦଳିଯିବ ବୋଲି ଚାଷୀ ନାଥ କୁମାର ଭୋଳ କହିଛନ୍ତି। ଅପରପକ୍ଷରେ ଭଗ୍ନ ସ୍ଲୁଇସ୍ ଗେଟ୍ ଦ୍ୱାରା ରାମନଗର, ବଉଳକଣୀ, ପେଟଚ୍ଛେଲା, ବାରଡାଙ୍ଗ, ବରକନ୍ଧା, ମଙ୍ଗଳପୁର ୬ଟି ପଞ୍ଚାୟତର ଶତାଧିକ ହେକ୍ଟର ଚାଷ ଜମିରେ ଅଦ୍ୟାବଧି ପୂର୍ଣ୍ଣିମା ଓ ଅମାବାସ୍ୟା ତିଥିରେ ଖରାଦିନେ ସମୁଦ୍ର ଉଚ୍ଚ ଜୁଆର ଜଳ ପ୍ରବେଶ କରି ଲହଡ଼ି ଭାଙ୍ଗୁଛି। ଚଳିତବର୍ଷ ମୌସମୀ ଆସିବା ପୂର୍ବରୁ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ନୂତନ ସ୍ଲୁଇସ୍ ଗେଟ୍ ପୂର୍ଣ୍ଣାଙ୍ଗ କରି କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଚାଷୀମାନଙ୍କ ମଧ୍ୟରେ ହରେକୃଷ୍ଣ ଗୋଛାୟତ, ବୀରବର ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ, ଶିଶିର ରାଉତ, ଶଶିଭୂଷଣ ରାଉତରାୟ, ଶରତ ସାମଲ, ସୁବୋଧ ମଣ୍ଡଳ, ଆଲୋକ ବେହେରା, ପବିତ୍ର ବେହେରା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଆଳି ନଦୀ ତଟବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ କୁମାର ଦାସଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଜମି ଅଧିଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି।

# ଟ୍ରାଫିକ ପୋଷ୍ଟ ସହ ରାସ୍ତାର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

**ନୟାଗଡ଼ ଅଫିସ,୨୧।୨**

ନୟାଗଡ଼ ସହରର ଟ୍ରାଫିକ ବ୍ୟବସ୍ଥାକୁ ସଜାଡିବା ପାଇଁ ନୟାଗଡ଼ ଟ୍ରାଫିକ ପୋଷ୍ଟର ନବକଳେବର ଅବସରରେ ମଙ୍ଗଳବାର ପୁରୁଣା ବସ୍‌ଷ୍ଟାଣ୍ଡରେ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ନୟାଗଡ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ୨ କୋଟି ୧୫ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ଟ୍ରାଫିକ ପୋଷ୍ଟ ସହ ରାସ୍ତାର ଶିଳାନ୍ୟାସ କରିଛନ୍ତି। ପ୍ରସ୍ତାବିତ ଟ୍ରାଫିକ ପୋଷ୍ଟଟି ଗୋଲେଇ ଛକ କରି ନିର୍ମାଣ କରାଯିବ। ଗୋଲେଇ ଟ୍ରାଫିକ ଛକର ଭିତରପାର୍ଶ୍ୱ ୧୮ ମିଟରର କରାଯିବ। ଏହାର ଚତୁଃପାର୍ଶ୍ୱରେ ୩ ଲେନ ରାସ୍ତା ଯାହାକି ୧୦.୫ ମିଟରର ଚଉଡା କରାଯାଇ ନିର୍ମାଣ କରାଯିବ। ଗୋଲେଇ ଟ୍ରାଫ୍ରିକ ଛକଠାରୁ ଓଡଗାଁ, ଖୋର୍ଦ୍ଧା, ଦଶପଲ୍ଲା ଓ ଖଣ୍ଡପଡ଼ାକୁ ପଡିଥିବା ରାସ୍ତା ୧୪ ମିଟର ଓସାର ଭିତରେ ୪ ଲେନର କରାଯିବ। ପ୍ରସ୍ତାବିତ ଟ୍ରାଫିକର ଗୋଲେଇ ଛକଠାରୁ ଖୋର୍ଦ୍ଧା, ଦଶପଲ୍ଲା ଓ ଓଡଗାଁ ରାସ୍ତାରେ ୧୦୦ ମିଟର ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କରାଯିବ। ପୁଣି ଖଣ୍ଡପଡ଼ା ରୋଡରେ ୬୦ ମିଟର ରାସ୍ତା ଅନୁରୂପ ଭାବେ ପ୍ରଶସ୍ତୀକରଣ ହେବ। ଜୁଲାଇ ମାସରେ କାମ ଶେଷ ହେବାକୁ ସରକାର ଧାର୍ଯ୍ୟ କରିଥିବାବେଳେ ମେ' ମାସ ଶେଷ ସୁଧା କାର୍ଯ୍ୟ ଶେଷ ହେବାର ଯୋଜନା ରହିଛି। ଜାତୀୟ ରାଜପଥ ବିଭାଗ, ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ ଓ ପୌର ପରିଷଦ ସହଭାଗିତାରେ କାର୍ଯ୍ୟ ଜାନୁୟାରୀ ୨୧ରୁ ଆରମ୍ଭ ହୋଇଛି।

ରାସ୍ତା ପ୍ରଶସ୍ତୀକରଣ ପାଇଁ ଦଶପଲ୍ଲା, ଖୋର୍ଦ୍ଧା, ଖଣ୍ଡପଡ଼ା ଓ ଓଡ଼ଗାଁ ରାସ୍ତାକୁ ଡିମାରକେଶନ କରାଯିବ। ଏଣୁ କେତେଜଣ ଲୋକଙ୍କ ଘର, ଦୋକାନ, ସରକାରୀ କାର୍ଯ୍ୟାଳୟର କିଛି ଅଂଶ ଭଙ୍ଗା ଯାଇପାରେ। ଗୋଲେଇ ଟ୍ରାଫିକକୁ

- ଖର୍ଚ୍ଚ ହେବ ୨ କୋଟି ୧୫ ଲକ୍ଷ
- ଗୋଲେଇ ଟ୍ରାଫିକ ଭିତରପାର୍ଶ୍ୱ ୧୮ ମିଟର ରହିବ
- ୪ ଲେନର ୧୪ ମିଟର ଓସାର ରାସ୍ତା ହେବ
- ରାସ୍ତା ପ୍ରଶସ୍ତୀକରଣ ପାଇଁ ଡିମାରକେଶନ ହେବ

ପ୍ରଶସ୍ତୀକରଣ ପାଇଁ ଡିଏଫ୍‌ଓ ଅଫିସର କିଛି ପ୍ରାଚୀର ଭଙ୍ଗା ଯାଇପାରେ। ତେବେ ନୂତନ ଭାବେ ନିର୍ମାଣ ହୋଇଥିବା ଡିଏଫ୍‌ଓ ଅଫିସ ପ୍ରାଚୀର ପାର୍ଶ୍ୱରେ ପରିଶ୍ରାଗାର ଭଙ୍ଗାଯିବା ପ୍ରସ୍ତାବ ନାହିଁ। ଶିଳାନ୍ୟାସ ଉତ୍ସବରେ ଜିଲାପାଳ ରବୀନ୍ଦ୍ରନାଥ ସାହୁ, ଡିଏଫ୍‌ଓ କ୍ଷମା ଷଡଙ୍ଗୀ, ନୟାଗଡ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର, ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଓ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲା ପରିଷଦ ସଦସ୍ୟ ସୁବାସ କଅଁର, ଆଶିଷ ଅଗ୍ରୱାଲ, ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ଜାତୀୟ ରାଜପଥ ବିଭାଗ ନିର୍ବାହୀ ଯନ୍ତ୍ରୀ ସମ୍ବିଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏ ନେଇ ବିଧାୟକ ସାହୁ କୁହିଛନ୍ତି, ନୟାଗଡ଼ ସହରକୁ ସରସ, ସୁନ୍ଦର ଓ ସୌନ୍ଦର୍ଯ୍ୟମୟ କରିବାକୁ ଦାବି ହୋଇଥିଲା। ଜାତୀୟ ରାଜପଥ ବିଭାଗ ଦ୍ୱାରା ନୂତନ ଟ୍ରାଫିକ ବ୍ୟବସ୍ଥା ପାଇଁ ଅନୁମୋଦନ ପରେ କାମ ଆରମ୍ଭ ହୋଇଯାଇଛି। ନୟାଗଡ଼ ସହର ଇଟାମାଟି, ମାଛିପଡ଼ା ଓ ବୋଦାପଡ଼ା ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏଣୁ ନୂଆ ଟ୍ରାଫିକ ବ୍ୟବସ୍ଥା ସହରକୁ ସୌନ୍ଦର୍ଯ୍ୟମୟ କରିବା ସହ ଦୁର୍ଘଟଣାକୁ ରୋକିବାରେ ସହାୟକ ହେବ।

### ବାଇପାସ୍ ରାସ୍ତା ଆଉ ଏକ ସଫଳତା

ଜିଲାପାଳ ସାହୁ ଶିଳାନ୍ୟାସ ପର୍ବରେ ଯୋଗଦେଇ କହିଥିଲେ, ପଶ୍ଚିମ ଓଡ଼ିଶାର ମୁଖଦ୍ୱାର ହେଉଛି ନୟାଗଡ଼। ନୟାଗଡ଼ର ଟ୍ରାଫିକ ସମସ୍ୟା ସମସ୍ତଙ୍କୁ ଅସ୍ତବ୍ୟସ୍ତ କରୁଥିଲା। ବିପର୍ଯ୍ୟସ୍ତ ଟ୍ରାଫିକକୁ ସଜାଡିବାକୁ ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଥିଲା। ଏବେ ଶିଳାନ୍ୟାସ କାମ ଶେଷ ହୋଇଛି। ଗୋଲେଇ ଟ୍ରାଫିକର କାମ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ନୟାଗଡ଼ ବାଇପାସ ପାଇଁ ଜମି ଅଧିଗ୍ରହଣ ଶେଷ ହୋଇଛି। ଏପରିକି ଗଛ କଟା ମଧ୍ୟ ଶେଷ କରାଯାଇଛି। ଏଣୁ ବାଇପାସ କାର୍ଯ୍ୟ ମଧ୍ୟ ଶୀଘ୍ର ଆରମ୍ଭ ହେବ। ଗୋଲେଇ ଟ୍ରାଫିକ ସହ ରାସ୍ତା ପ୍ରଶସ୍ତୀକରଣ ଓ ବାଇପାସ ନିର୍ମାଣ ଯୋଗୁ ଟ୍ରାଫିକ ପରିସ୍ଥିତି ବ୍ୟବସ୍ଥିତ ହୋଇଯିବ ବୋଲି ସେ କହିଛନ୍ତି।

## ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତି ହଟିବ

ପୁରୁଣା ବସ୍‌ଷ୍ଟାଣ୍ଡ ଭିତରେ ଟ୍ରାଫିକ ଛକକୁ ଲାଗି ରହିଛି ନୟାଗଡ଼ର ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସ୍ୱର୍ଗତ ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତୀ। ବିଭିନ୍ନ ସମୟରେ ଏହି ପ୍ରତିମୂର୍ତ୍ତୀ ସ୍ଥାନାନ୍ତର ହେବାର ପ୍ରସଙ୍ଗ ଉଠିଥିବାବେଳେ ଏହାକୁ ବିରୋଧ କରାଯାଉଥିଲା। ଏଣୁ ପ୍ରତିମୂର୍ତ୍ତୀ ସ୍ଥାନାନ୍ତର ହୋଇ ପାରୁ ନ ଥିଲା। ଗୋଲେଇ ଟ୍ରାଫିକ ପୋଷ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ପରେ ପ୍ରତିମୂର୍ତ୍ତୀ ସ୍ଥାନାନ୍ତର ହେବାର ରହିଛି। ଏହାକୁ ଗୋଲେଇ ଟ୍ରାଫିକ କଡରେ ରଖା ଯାଇପାରେ। ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ସହକାରୀ ଯନ୍ତ୍ରୀ ମହାନ୍ତି କୁହନ୍ତି, ଗୋଲେଇ ଟ୍ରାଫିକ ପାଇଁ ଅର୍ଥ ମଞ୍ଜୁର ହୋଇଛି। ପୁରୁଣା ବସ୍‌ଷ୍ଟାଣ୍ଡର ଘର ଭଙ୍ଗାଯିବା ସମୟରୁ ଟ୍ରାଫିକ ପୋଷ୍ଟ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ୪ ଲେନର ଗୋଟିଏ ପଟ ରାସ୍ତା କାମ ଚାଲିବାବେଳେ ଅପରପାର୍ଶ୍ୱରେ ଯାତାୟାତ ଓ ଯାନବାହାନ ଚଳାଚଳ କରିବ। ଅନ୍ୟପକ୍ଷେ ପୂର୍ବତନ ମନ୍ତ୍ରୀ ଭାଗବତ ବେହେରା ଙ୍କ ପ୍ରତିମୂର୍ତ୍ତି ନୂଆ କରି ସ୍ଥାପନ କରାଯିବାର ରହିଛି ବୋଲି ସେ କହିଛନ୍ତି।

# ଜୋତା ପିନ୍ଧି ଦୀପ ପ୍ରଜ୍ୱଳନ

**ନୟାଗଡ଼ ଅଫିସ,୨୧।୨**

ନୟାଗଡ ସହରର ଟ୍ରାଫିକ ବ୍ୟବସ୍ଥାକୁ ସଜାଡିବା ପାଇଁ ନୟାଗଡ଼ ଟ୍ରାଫିକ ପୋଷ୍ଟର ନବକଳେବର ଅବସରରେ ମଙ୍ଗଳବାର ପୁରୁଣା ବସ୍‌ଷ୍ଟାଣ୍ଡରେ ଶିଳାନ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଡିଏଫଓ କ୍ଷମା ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ତେବେ ଡିଏଫ୍‌ଓ ଜୋତା ପିନ୍ଧି ଜଗନ୍ନାଥ ମହାପ୍ରଭୁଙ୍କୁ ଦୀପ ପ୍ରଜ୍ୱଳନ କରିଥିଲେ। ଏହାକୁ ନେଇ ମଞ୍ଚ ତଳେ ବସିଥିବା ଲୋକ ସମାଲୋଚନା କରିଥିଲେ। ତେବେ ଡିଏଫ୍‌ଓ ଜୋତା ଖୋଲି ନ ଥିଲେ ବୋଲି ଅଭିଯୋଗ ହୋଇଛି।


ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ ଜୋତା ପିନ୍ଧି ଜଗନ୍ନାଥଙ୍କ ପାଖରେ ଦୀପ ଲଗାଉଛନ୍ତି।

# ଓଡ଼ିଶାର ଶିକ୍ଷା ବ୍ୟବସ୍ଥା, ପ୍ରଗତି, ଅନ୍ତରାୟ ଆଲୋଚନାଚକ୍ର

### ଓଷ୍ଟା ପକ୍ଷରୁ ସାମ୍ବିଧାନିକ ସମ୍ମିଳନୀ

**ନୟାଗଡ଼ ଅଫିସ,୨୧।୨**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ସୋଲପଟାସ୍ଥିତ ସରକାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ନୟାଗଡ଼ ଜିଲା ସାମ୍ବିଧାନିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଯୋଧ୍ୟାନାଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ 'ଓଡ଼ିଶାର ଶିକ୍ଷା ବ୍ୟବସ୍ଥା: ପ୍ରଗତି ଓ ଅନ୍ତରାୟ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଭାବେ ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଗଣେଶ୍ୱର ସ୍ୱାଇଁ, ସମ୍ମାନିତ ଅତିଥି ଶିକ୍ଷା ପ୍ରଦୀପର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି, ଶିକ୍ଷା ପ୍ରଦୀପର ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି, ସହସମ୍ପାଦକ ରମାକାନ୍ତ ମହାପାତ୍ର, ଓଷ୍ଟାର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ, ପଦ୍ମଚରଣ ବିଶ୍ୱାଳ, ସମ୍ପାଦକ ମଧୁସୂଦନ ଦେ, ବିଜୟ କୁମାର ଛତ୍ର, ବିନାୟକ ପରିଡା, କାର୍ଯ୍ୟକାରୀ କମିଟି ସଦସ୍ୟ ଗୋଲକ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ନୟାଗଡ଼ ଜିଲା ଓଷ୍ଟାର ଯୁଗ୍ମ ସମ୍ପାଦକ ମନୋଜ କୁମାର ଗୁମାନସିଂହ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିବା ସହିତ ୩ ବର୍ଷର ଆର୍ଥିକ ବିବରଣୀ ପ୍ରଦାନ କରିଥିଲେ।

ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ଅଯୋଧ୍ୟାନାଥ ନାୟକ, ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ଉପସଭାପତି ନିରାକାର ସ୍ୱାଇଁ ଓ ଲକ୍ଷ୍ମୀଧର ମହାପାତ୍ର, ଉପସଭାନେତ୍ରୀ ମିନତି କୁମାରୀ ତ୍ରିପାଠୀ, ଯୁଗ୍ମସମ୍ପାଦକ ପରମାନନ୍ଦ ଦଳାଇ, ନିତ୍ୟାନନ୍ଦ ଦାସ, ଯୁଗ୍ମ ସମ୍ପାଦିକା ହରପ୍ରିଆ ଗୁମାନସିଂହ, କାର୍ଯ୍ୟକାରୀ କମିଟି ସଦସ୍ୟ ଦିବାକର ପାଇକରାୟ, ଶେଖ ରଫିକ ଉଦ୍ଦିନ, ସନ୍ତୋଷ କୁମାର ମହାପାତ୍ର ଓ ମୁରଲୀଧର ବେହେରା ପ୍ରମୁଖ ନିର୍ବାଚିତ ହୋଇଥିଲେ। ନବନିର୍ବାଚିତ ଜିଲା କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ବରିଷ୍ଠ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ମହାନ୍ତି ଓଷ୍ଟାର ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଶେଷରେ ସାମ୍ବିଧାନିକ ସମ୍ମିଳନୀ ସଙ୍ଗଠନ ସମ୍ପାଦକ ଗିରିଜା ଭୂଷଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ସତ୍ୟ


@ ସୌମ୍ୟ


@ କମଳା


@ ବିପିନ


@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖରା ଆରମ୍ଭରୁ ଜଳ ସଙ୍କଟ, ଆଗକୁ ପରିସ୍ଥିତି ଅଣାୟତ୍ତ

**ଦଶପଲ୍ଲା,୨୧।୨(ଡି.ଏନ୍.ଏ.):** ଦଶପଲ୍ଲା ଏନଏସିର ବିଭିନ୍ନ ୱାର୍ଡରେ ଥିବା ନଳକୂପ ଓ ଖୋଲା କୂଅଗୁଡ଼ିକ ଏବେ ଲୋକଙ୍କ ପାଣି ଯୋଗାଇବାରେ ଅସମର୍ଥ ହୋଇପଡ଼ିଛି। କେଉଁଠି କୂଅଶୁଖି ଗଲାଣି ତ ଆଉ କେଉଁଠାରେ ନଳକୂପ ହ୍ୟାଣ୍ଡେଲକୁ ୨୫ରୁ ୩୦ ଥର ମାରିଲେ ଢାଳେ ପାଣି ବାହାରୁଛି। ଏକାଧିକ ନଳକୂପ ଥାଇ ନ ଥିଲା ଭଳି। କାରଣ ସେଗୁଡ଼ିକ ପ୍ରାୟତଃ କାମରେ ଲାଗୁନି। ଖରା ଆରମ୍ଭରୁ ପାନୀୟ ଜଳ ସଙ୍କଟ ଦେଖା ଦେଇଥିବା ବେଳେ ଆଗକୁ ଆହୁରି ଉତ୍କଟ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। କେବେ ଲୋକଙ୍କ ପାଖରେ ଟ୍ୟାଙ୍କର ପାଣି ପହଞ୍ଚିବ ଆଉ ଜଳାଭାବ ସଙ୍କଟ ଲାଘବ ହେବ ତାକୁ ଚାତକ ଭଳି ଲୋକେ ଚାହିଁ ରହିଛନ୍ତି। ଏନଏସି କର୍ତ୍ତୃପକ୍ଷ ବେଳ ଥାଉ ଥାଉ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡିଛି। ଯେଉଁ ୱାର୍ଡଗୁଡିକରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରିନାହିଁ, ସେଠାରେ ସ୍ଥିତି ଆଗକୁ ସଙ୍ଗିନ ହୋଇଯିବ ବୋଲି ସନ୍ଦେହ କରାଯାଉଛି।

# ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ପାଇଁ ଶୁଭଖୁଣ୍ଟି ଅନୁକୂଳ

**ଦଶପଲ୍ଲା,୨୧।୨(ଡି.ଏନ.ଏ.)**

ଭାରତ ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ଶୁଭଖୁଣ୍ଟି ମଙ୍ଗଳବାର ଅନୁକୂଳ ହୋଇଯାଇଛି। ଶ୍ରୀ ଶ୍ରୀରଘୁନାଥ ଜୀଉ ଏବଂ ମହାବୀର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଥିବା ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ଆଦ୍ୟପର୍ବ ଆରମ୍ଭ ହୋଇଛି। ସକାଳୁ ରୀତିନୀତି ଅନୁଯାୟୀ ପୂଜାପାଠ କରାଯିବା ପରେ ମୂଳ ଖମ୍ବ ସ୍ଥାପନ କରାଯାଇଛି। ୧୮୦୨ ମସିହାରୁ ଆରମ୍ଭ ହୋଇଥିବା ଓଡ଼ିଶାର ସର୍ବପ୍ରାଚୀନ ମୁକ୍ତାକାଶ ଓ ବିସ୍ତୃତ ମଞ୍ଚ ଭାବେ ପରିଚିତ ରାମଲୀଳ ଅଭିନୟ ଓ ଯାତ୍ରା ପବିତ୍ର ରାମ ନବମୀଠାରୁ ଆରମ୍ଭ ହୋଇ ଦୀର୍ଘ ୧୪ ଦିନ ଧରି ଚାଲେ। ରାମଲୀଳା ଯାତ୍ରା ମୁଖ୍ୟମଞ୍ଚ ସମେତ ୩ କିଲୋମିଟର ଦୂର ଦୁର୍ଗା ବଜାର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିବା ବେଳେ ଚଳିତବର୍ଷ ଏହି ଲଙ୍କାପୋଡି ଯାତ୍ରା ମାର୍ଚ୍ଚ ୩୦ରୁ ଆରମ୍ଭ ହେବ। ଏହି ଲଙ୍କାପୋଡି ଯାତ୍ରାକୁ ସରସ ସୁନ୍ଦର କରିବାକୁ ଯାତ୍ରା କମିଟି ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।


ଶୁଭ ଖୁଣ୍ଟି ସ୍ଥାପନ କରାଯାଉଛି।

# ଭାଷା ଜାତିକୁ ବାନ୍ଧି ରଖେ

### ବିଶ୍ୱ ମାତୃଭାଷା ଦିବସ

**ନୟାଗଡ଼ ଅଫିସ,୨୧।୨**

ଭାବ ବିନିମୟର ଭାଷା ମାତୃଭାଷା। ଯାହାକି ଜାତିର ପରିଚୟ। ଭାଷା ଯୋଗୁ ଜାତି ବଞ୍ଚି ରହେ ଓ ଭାଷା ମଧ୍ୟ ଜାତିକୁ ବାନ୍ଧି ରଖେ। ମାତୃଭାଷାର ବିକାଶ ବିନା କୌଣସି ଜାତିର ଉନ୍ନତି ଅସମ୍ଭବ। ଏଣୁ ମାତୃଭାଷା ଓଡ଼ିଆର ସୁରକ୍ଷା ପାଇଁ ମିଳିମିଶି ସମସ୍ତେ କାର୍ଯ୍ୟ କରିବାକୁ ମଙ୍ଗଳବାର ବିଶ୍ୱ ମାତୃଭାଷା ଦିବସ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ନୟାଗଡ଼ର ୟୁନିଟେକ୍ ମହାବିଦ୍ୟାଳୟ ପରିସରରେ ଏହାର ନିର୍ଦ୍ଦେଶକ ପ୍ରଦୀପ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ପ୍ରଦୀପ୍ତ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ କବି ବସିରନ୍ ବିବି ଓ ଅଧାପିକା ବିଦ୍ୟୁଲତା ଷଣ୍ଢ ଯୋଗଦେଇଥିଲେ। କବି ଆଶୁତୋଷ ଦାସ ମାତୃଭାଷା ଦିବସ ପାଳନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଏଥିପାଇଁ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀ ରାଜଶ୍ରୀ ସାହୁ, ଅଧାପିକା ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ, ସ୍ୱାଗତିକା ବେହେରା, କବି ଅଶୋକ ନାୟକ ପ୍ରମୁଖ ବହୁଭାଷୀ କବିତା ପାଠ କରିଥିଲେ। ଅପରପକ୍ଷେ ବକ୍ତାମାନେ କହିଥିଲେ, ଭାଷା ମାଧ୍ୟମରେ ସାଂସ୍କୃତିକ ବିବିଧତାକୁ ଲୋକାଭିମୁଖୀ କରିବା ତଥା ବହୁଭାଷାର ଗୁରୁତ୍ୱକୁ ପ୍ରାଧାନ୍ୟ ଦେବା ଦ୍ୱାରା ଭାଷା-ଏକତା ସୃଷ୍ଟି ହୋଇପାରିବ। ପୃଥିବୀରେ ବର୍ତ୍ତମାନ ପ୍ରାୟ ୭୦୦୦ ଭାଷା ପ୍ରଚଳିତ ଥିବାବେଳେ ପାଖାପାଖି ୪୦୦୦ ଭାଷା ବିଲୁପ୍ତ ପ୍ରାୟ ଅବସ୍ଥାରେ ଅଛି। ତେଣୁ ଭାଷାକୁ ନେଇ ସମଗ୍ର ପୃଥିବୀର ସ୍ଥିତି ଚିନ୍ତାଜନକ। ଭାରତରେ ପ୍ରାୟ ୪୫୦ ଭାଷା ପ୍ରଚଳିତ ଥିବାବେଳେ ସେଥିରୁ ପ୍ରାୟ ଏମିତି ୧୦ଟି ଭାଷା ଅଛି ଯାହା କହୁଥିବା ଲୋକଙ୍କ ସଂଖ୍ୟା ୧୦୦ରୁ ମଧ୍ୟ କମ। ମାତୃଭାଷା ପ୍ରତି ଆମର ପ୍ରତିବଦ୍ଧତା ରହିଲେ ହିଁ ଭାଷାର ବିକାଶ ସହ ସାଂସ୍କୃତିକ ପ୍ରଗତି ସମ୍ଭବ ହୋଇପାରିବ ବୋଲି ଅତିଥିମାନେ କହିଥିଲେ।



ସଭାରେ ଉପସ୍ଥିତ ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୨ ଫେବୃୟାରୀ, ୨୦୨୩



## ଚୋରା କାଠ ସହ ବାଇକ୍ ଜବତ, ୨ ଗିରଫ

କାଳିଆପାଣି,(ଡି.ଏନ୍.ଏ.):ଯାଜପୁର ଜିଲା ସୁକିନ୍ଦା ବ୍ଲକ ନଗଡ଼ା ଅଞ୍ଚଳରୁ ଚୋରା କାଠ ନେବା ବନ ବିଭାଗ କର୍ମଚାରୀ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । କାଠ ସହ ସେମାନେ ବ୍ୟବହାର କରୁଥିବା ବାଇକ୍‌କୁ ଜବତ କରାଯାଇଛି । ସୂଚନା ଅନୁଯାୟୀ, ରାଁସୋଲ ଫରେଷ୍ଟ ସେକ୍ସନ ଅଧୀନ ନଗଡ଼ା ଅଞ୍ଚଳରୁ ମଙ୍ଗଳବାର କାଳିଆପାଣି ଚିରୁଗୁଣିଆଁ ଗ୍ରାମର ସାମାଏ ସୋରେନ(୨୦) ଓ ଜଗନ୍ନ ଓଝା(୨୧) ଏକ ବାଇକ୍‌ରେ ଶାଳ କାଠ ସିଲପଟ ବାନ୍ଧି ଆସୁଥିଲେ। ଏହି ସମୟରେ ସୁକିନ୍ଦା ରେଞ୍ଜର ବିପିନ ବିହାରୀ ରାଉତରାୟ ସେମାନଙ୍କୁ ଅଟକାଇ ପଚାରିଥିଲେ । ସେମାନେ ବହୁଦିନରୁ ଚୋରାରେ ଏପରି କାଠ ଚାଲାଣ କରୁଥିବା ଜାଣିପାରିଥିଲେ । ଉଭୟଙ୍କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ. ୨୩୯/୨୩) ରୁଜୁ ହୋଇଛି ।

### ସଂକ୍ଷେପରେ

## ଥାନାଧିକାରୀଙ୍କ ନାମରେ ଏସ୍‌ଆଇଙ୍କ ଅଭିଯୋଗ

ଯାଜପୁର ଅଫିସ,୨୧।୨ : ଯାଜପୁର ଜିଲା ଧର୍ମଶାଳା ଥାନାର ଏସ୍‌ଆଇ ରାଧାନାଥ ଦାସ ସେହି ଥାନାର ଥାନାଧିକାରୀ ରାକେଶ କୁମାର ତ୍ରିପାଠୀଙ୍କ ନାମରେ ମାନସିକ ନିର୍ଯାତନା ଏବଂ ଧମକ ଦେଉଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ଏହିମର୍ମରେ ଏସ୍‌ଆଇ ଦାସ ମଙ୍ଗଳବାର ଯାଜପୁର ଏସ୍‌ପିଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହ ପଦତ୍ୟାଗ କରିବାକୁ ନିବେଦନ କରିଛନ୍ତି। ଉକ୍ତ ଅଭିଯୋଗରେ ସେ ଆହୁରି ଦର୍ଶାଇଛନ୍ତି, ଧର୍ମଶାଳା ଥାନାଧିକାରୀ ମାମଲାଗୁଡିକର ତଦନ୍ତ କରିବାକୁ ଅଧିକାରୀମାନଙ୍କୁ ଦାୟିତ୍ୱ ବଣ୍ଟନ କରୁଛନ୍ତି। କିନ୍ତୁ ଅନ୍ୟମାନଙ୍କ ତୁଳନାରେ ତାଙ୍କୁ ଅଧିକ ମାମଲାର ତଦନ୍ତ କରିବାକୁ ଚାପ ଦେଉଛନ୍ତି। ଏହାସହ ଛୁଟି ଦରଖାସ୍ତ ଠିକ ସମୟରେ ସେ ଦାଖଲ କରୁନାହାନ୍ତି। ଫଳରେ ସେ ତାଙ୍କ ଅସୁସ୍ଥ ମା’ଙ୍କ ଚିକିତ୍ସା କରାଇବାରେ ସମସ୍ୟା ଦେଖା ଦେଇଛି। ଧର୍ମଶାଳା ଥାନାଧିକାରୀ ତ୍ରିପାଠି ଜାଣିଶୁଣି ତାଙ୍କୁ ହଇରାଣ କରୁଛନ୍ତି। ତେଣୁ ସେ ଚାକିରି ଛାଡିବାକୁ ଏସ୍‌ପିଙ୍କ ଅନୁମତି ଲୋଡିଛନ୍ତି।

## ଟଙ୍କା ନେଇ ଟ୍ରକ୍ ନ ଦେବା ଅଭିଯୋଗରେ ଜଣେ ଗିରଫ

ଚଣ୍ଡିଖୋଲ,୨୧।୨(ଡି.ଏନ.ଏ.): ବଡ଼ଚଣା ଥାନା ଅନ୍ତର୍ଗତ ବାଉଁଶପୁଟ ଗ୍ରାମର ଶତ୍ରୁଜିତ୍ ସିଂହ ଜଣେ ବ୍ୟକ୍ତିଙ୍କଠାରୁ ଟ୍ରକ ଦେବା ପାଇଁ ଟଙ୍କା ନେଇଥିଲେ । ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସେ ଟ୍ରକ ନ ଦେବା କିମ୍ବା ଟଙ୍କା ଫେରସ୍ତ କରି ନ ଥିବା ଅଭିଯୋଗ ହୋଇଥିଲା। ଏନେଇ ମଙ୍ଗଳବାର ବଡ଼ଚଣା ଥାନା ପୋଲିସ ଏକ ମାମଲା(ନଂ. ୪୨/୨୩)ରୁଜୁ କରି ଶତ୍ରୁଜିତ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ ଯାଜପୁର ଜିଲା କଳିଙ୍ଗ ନଗର ଥାନା ଅନ୍ତର୍ଗତ ପିଙ୍ଗଳ ଗ୍ରାମର ଶିଶିର ପ୍ରଧାନଙ୍କଠାରୁ ଶତ୍ରୁଜିତ୍ ୨ ବର୍ଷ ତଳେ ୮ଲକ୍ଷ ୧୦ ହଜାର ଟଙ୍କା ନେଇଥିଲେ। ଶିଶିରଙ୍କୁ ଟ୍ରକ ଦେବେ ବୋଲି କହି ଦୀର୍ଘ ୨ ବର୍ଷ ହେବ ଟ୍ରକ ଦେଇ ନ ଥିଲେ। ବାରମ୍ବାର ଯୋଗାଯୋଗ କରିଥିଲେ ମଧ ସେ ଧରାଛୁଆଁ ଦେଉ ନ ଥିଲେ। ଏଥିନେଇ ଶିଶିର ବଡ଼ଚଣା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ କରିବା ପରେ ପୋଲିସ ଶତ୍ରୁଜିତ୍‌ଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

## ମାଗଣା କ୍ରୀଡ଼ା ପ୍ରଶିକ୍ଷଣ ଦେବେ ଅବସରପ୍ରାପ୍ତ ନୌସେନା ଅଧିକାରୀ

ବରୀ,୨୧।୨(ଡି.ଏନ.ଏ.): ଭାରତୀୟ ନୌସେନାରୁ ଅବସର ଗ୍ରହଣ କରିଥିବା ତରୁଣ କୁମାର ଦାସଙ୍କ କ୍ରୀଡା କ୍ଷେତ୍ରରେ ଅବଦାନ ପାଇଁ ସେ ବରୀ ଅଞ୍ଚଳରେ ପରିଚିତ। ବିଶେଷକରି ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ନେଇ ସେ ରତ୍ନଗିରି ପଞ୍ଚାୟତ ଅଧୀନ ଅଲିଆବାଦଠାରେ ବିଭିନ୍ନ କ୍ରୀଡ଼ା ପାଇଁ ପ୍ରଶିକ୍ଷଣ ଦେଇଥାଆନ୍ତି। ତାଙ୍କଠାରୁ ତାଲିମ ପାଇଥିବା ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ସଫଳତା ହାସଲ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ପ୍ରଶିକ୍ଷଣର ବୈଧତା ନିମନ୍ତେ ଦାସ ପଟିଆଲାସ୍ଥିତ ନେତାଜୀ ସୁବାସ କ୍ରୀଡା ପ୍ରତିଷ୍ଠାନ ପକ୍ଷରୁ କ୍ରୀଡ଼ାରେ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ନେଇ କୃତିତ୍ୱ ହାସଲ କରିଛନ୍ତି । ଆଗାମୀ ଦିନରେ ବରୀ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ କ୍ରୀଡାକ୍ଷେତ୍ରରେ ପ୍ରଶିକ୍ଷଣ ଦେବା ସହ ସେମାନେ ଯେପରି ରାଜ୍ୟସ୍ତରୀୟ କ୍ରୀଡାରେ ଭାଗ ନେଇ ବରୀର ସୁନାମ ବଢ଼ାଇ ପାରିବେ ସେ କ୍ଷେତ୍ରରେ ସେ ବିନା ପାରିଶ୍ରମିକରେ ପ୍ରଶିକ୍ଷଣ ଦେବେ ବୋଲି କହିଛନ୍ତି ।

# ରାସ୍ତାରୁ ହଟୁନି ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫରମର

### ଚାଲିଛି ୨୨କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ

ଚଣ୍ଡିଖୋଲ,୨୧।୨(ଡି.ଏନ.ଏ.)


ରାସ୍ତା ଉପରେ ରହିଥିବା ଏକ ବିଦ୍ୟୁତ୍ ଖୁଣ୍ଟ ।

ଚାରବାଟିଆ ପୂର୍ତ୍ତବିଭାଗ ଡ଼ିଭିଜନ୍ ଅନ୍ତର୍ଗତ ବଡ଼ଚଣା ସବ୍‌ଡ଼ିଭିଜନ୍ ଅଧୀନରେ ରହିଛି ବାଲିଚନ୍ଦ୍ରପୁର-ବେଣୀପୁର ରାସ୍ତା। ଦୀର୍ଘ ୧୦କିଲୋମିଟର ୨୦୦ମିଟର ରାସ୍ତା ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ହେଲେ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ଓ ଟ୍ରାନ୍ସଫରମର ରହିଛି । ଏହା ପରେ ବି ନିର୍ମାଣ କାର୍ଯ୍ୟ ଚାଲୁଛି। ଡିଗିରିଆଠାରୁ ବେଣୀପୁର ପର୍ଯ୍ୟନ୍ତ ରାସ୍ତା କାମ ଚାଲୁଥିବାବେଳେ ଦେକୁଡ଼ି ନିକଟରେ ରାସ୍ତା ଉପରେ ବିଦ୍ୟୁତ୍ ଖୁଣ୍ଟ ରହିଛି। ସେହିଭଳି ନଦୀବନ୍ଧ କଡ଼ରୁ ମାଟି ତାଡ଼ି ଠିକା ସଂସ୍ଥା ରାସ୍ତାକାମ କରୁଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ବାଲିଚନ୍ଦ୍ରପୁରଠାରୁ ବେଣୀପୁର ପର୍ଯ୍ୟନ୍ତ ବିରୂପା ନଦୀବନ୍ଧ ଜଳସମ୍ପଦ ବିଭାଗ ଅଧୀନରେ ଥିବାବେଳେ ଏହାର ଉପରିଭାଗ ରାସ୍ତା ନିର୍ମାଣ ପାଇଁ ୨୦୧୯ ଡ଼ିସେମ୍ବର ୨୩ରେ ଏହାକୁ ଚାରବାଟିଆ ପୂର୍ତ୍ତବିଭାଗକୁ ହସ୍ତାନ୍ତରିତ କରାଗଲା। ଏହାପରେ ପୂର୍ତ୍ତବିଭାଗ ମରାମତି ନାମରେ ୫୦ଲକ୍ଷ ଟଙ୍କା ବ୍ୟୟ କରିଥିଲା। ୨୦୨୧ ନଭେମ୍ବରରେ ରାସ୍ତାକୁ ଦୁଇଭାଗ କରି ନିର୍ମାଣ ପାଇଁ ଟେଣ୍ଡର କରାଗଲା। ପୂର୍ବରୁ ସେହି ରାସ୍ତାଟିର ଲମ୍ବ ୧୦କିଲୋମିଟର ୨ଶହ ମିଟର ଥିବାବେଳେ ଏହାକୁ ୧୧କିଲୋମିଟର ୨ଶହ ମିଟର କରି ଟେଣ୍ଡର କରାଗଲା। ବାଲିଚନ୍ଦ୍ରପୁରଠାରୁ କଳାଶ୍ରୀ ପର୍ଯ୍ୟନ୍ତ ୫କିଲୋମିଟର ୫ଶହ ମିଟର ରାସ୍ତାକୁ ୯କୋଟି ୯୭ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ କଳାଶ୍ରୀଠାରୁ ବେଣୀପୁର ପର୍ଯ୍ୟନ୍ତ ୫କିଲୋମିଟର ୫ଶହ ମିଟର ରାସ୍ତାପାଇଁ ୧୨କୋଟି ୮୦ଲକ୍ଷଟଙ୍କା ବ୍ୟୟବରାଦ କରାଯାଇଛି। ଏହି ରାସ୍ତା ନିର୍ମାଣରେ ବିଭାଗ ତରଫରୁ ମିଳିଥିବ ସୂଚନା ଅନୁଯାୟୀ ଏହାର ଓସାର ୮.୫ମିଟର ରଖିବାକୁ ନିର୍ଦ୍ଦେଶ ଥିବାବେଳେ ସେଥିମଧ୍ୟରୁ ୫.୫ମିଟର ପିଚୁ ଓ ଉଭୟପଟେ ୧.୫ ମିଟର କରି ୩ ମିଟର ମାଟି ଓ ମୋରମ ରାସ୍ତା ନିର୍ମାଣ କରାଯିବ ବୋଲି ଚୁକ୍ତି ହୋଇଛି। ତେବେ ବିଭାଗୀୟ ଅଧିକାରୀମାନଙ୍କ ଅଣଦେଖା ପାଇଁ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଦେଖାଦେଇଛି।

ପୂର୍ତ୍ତବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ ଏହି ରାସ୍ତା ନିର୍ମାଣ ପୂର୍ବରୁ ରାସ୍ତା କଡ଼ରେ ଥିବା ସମସ୍ତ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରିତ ହେବ ଓ ରାସ୍ତା କଡ଼ରେ ଥିବା ଗଛ କଟା ଯିବ। ଏଥିପାଇଁ ୨୦୨୧ ଫେବୃୟାରୀ ୨୪ରେ ପୂର୍ତ୍ତବିଭାଗ , ବନ ବିଭାଗ, ବିଦ୍ୟୁତ୍ ବିଭାଗ ଓ ପାନୀୟ ଜଳ ବିଭାଗ ପକ୍ଷରୁ ମିଳିତ ସର୍ଭେ କରାଯାଇ ୫୫ଟି ଗଛ କଟାଯିବା ସହ ଶତାଧିକ ବିଦ୍ୟୁତ ଖୁଣ୍ଟ ଓ ୫ଟି ଟ୍ରାନ୍ସଫରମର ଉଠାଯିବ ବୋଲି ସ୍ଥିର କରାଯାଇଥିଲା। ବିଦ୍ୟୁତ୍ ବିଭାଗ ଏଥିପାଇଁ ୩କୋଟି ୨୧ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ପୂର୍ତ୍ତବିଭାଗକୁ ପ୍ରସ୍ତାବ ଦେଇଥିଲା। ତେବେ ଅଦ୍ୟାବଧି ବିଦ୍ୟୁତ୍ ବିଭାଗକୁ ପୂର୍ତ୍ତବିଭାଗ ତରଫରୁ ଟଙ୍କା ଡ଼ିପୋଜିଟ୍ କରା ନ ଯିବା ହେତୁ ବିଦ୍ୟୁତ୍ ଖୁଣ୍ଟ ଗୋଟିଏ ବି ଉଠିପାରିଲା ନାହିଁ। କେବଳ ଶେଷ ମୁହୂର୍ତ୍ତରେ ବନ ଉନ୍ନୟନ ନିଗମକୁ ଗତ ନଭେମ୍ବରରେ ୧୨ଲକ୍ଷ ୫୫ହଜାର ଟଙ୍କା ଡ଼ିପୋଜିଟ୍ ହେବାପରେ ଏବେ ଗଛ କଟା ଚାଲିଛି। ରାସ୍ତା ନିର୍ମାଣ କାମ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଏପର୍ଯ୍ୟନ୍ତ ବିଦ୍ୟୁତ୍ ଖୁଣ୍ଟ ଉଠିନାହିଁ। ଏହି ରାସ୍ତାର ନିର୍ମାଣ ଅବଧି ୯ମାସ ଥିବାବେଳେ ୨ ପର୍ଯ୍ୟାୟରେ କରାଯାଇଥିବା ଟେଣ୍ଡରର ଅବଧି ସରିଗଲାଣି ତଥାପି ରାସ୍ତା କାମ ସରି ନାହିଁ। ଏପରିକି ଏହା ଏକ ନଦୀବନ୍ଧ ହୋଇଥିବାବେଳେ ଠିକା ସଂସ୍ଥା ବନ୍ଧ ପାର୍ଶ୍ୱରୁ ମାଟି ତାଡ଼ି ରାସ୍ତା ଉପରେ ପକାଉଥିବା ଦେଖାଯାଉଛି। ଏଥିପାଇଁ ବନ୍ୟା ସମୟରେ ନଦୀବନ୍ଧ ପାଇଁ ବିପଦ ସୃଷ୍ଟି ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏ ସମ୍ପର୍କରେ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ନିଗ୍ଧା ଦାସଙ୍କୁ ପଚାରିବାରେ ସେ କୁହନ୍ତି, ଖୁବ୍‌ଶୀଘ୍ର ବିଦ୍ୟୁତ୍ ଖୁଣ୍ଟ ଉଠାଯିବାକୁ ବ୍ୟବସ୍ଥା କରାଯିବ।

# ତରାପୁର ଟିମ୍ ଚାମ୍ପିୟନ


ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

### ମା’ବାଡିଆଶୁଣୀ କ୍ରିକେଟ୍ ଟୁର୍ନାମେଣ୍ଟ

ଜେନାପୁର,୨୧।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ୍ ଜେନାପୁର ପଞ୍ଚାୟତ ଅଧୀନ ମା’ ହିଙ୍ଗୁଳା ପଡ଼ିଆରେ ଗତ ୮ଦିନ ଧରି ଚାଲିଥିବା ମା’ବାଡିଆଶୁଣି କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ମ୍ୟାଚରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ମା’ହିଙ୍ଗୁଳା ୟୁଥ କ୍ଲବ ତରାପୁର ଓ ଅରିମୂଳ ୟଙ୍ଗ ଷ୍ଟାର କ୍ରିକେଟ କ୍ଲବ ଟିମ ମଧ୍ୟରେ ମୁକାବିଲା ହୋଇଥିଲା। ତରାପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୭ ଉଇକେଟ ହରାଇ ୧୭୯ ରନ ସଂଗ୍ରହ କାରିଥିଲା। ଜବାବ୍‌ରେ ଅରିମୂଳ ୧୫ ଓଭର ଖେଳି ୮ ଉଇକେଟ ହରାଇ ୧୭୪ରନ ସଂଗ୍ରହ କରି ପରାଜୟ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଜେନାପୁର ରେଳ ଷ୍ଟେଶନ ମାଷ୍ଟର ସରୋଜ କୁମାର ବରାଳ, ପଞ୍ଚାୟତ ଛାତ୍ର ବିଜେଡି ସଭାପତି କାର୍ତ୍ତିକେଶ୍ୱର ସ୍ୱାଇଁ, ସାମାଜିକ କର୍ମୀ ପ୍ରହ୍ଲାଦ କୁମାର ପାତ୍ର , ତ୍ରିଲୋଚନ ବେହେରା, ଶୁଭକାନ୍ତ ବରାଳ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଓ ରନସ୍‌ଅପ୍ ଦଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ପିଣ୍ଟୁନନ୍ଦ ନାଥ ଓ ରଞ୍ଜିତ ବରାଳ ଖେଳକୁ ପରିଚାଳନା କରିଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ଅଭାବରୁ ପାଠପଢ଼ା ବାଧାପ୍ରାପ୍ତ


ସ୍କୁଲ ସମ୍ମୁଖରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର ।

### ଧାରଣାରେ ଛାତ୍ରୀଛାତ୍ର, ଅଭିଭାବକ

ବରୀ,୨୧।୨(ଡି.ଏନ.ଏ.)

ଆବଶ୍ୟକ ଶିକ୍ଷୟିତ୍ରୀ,ଶିକ୍ଷକ ନାହାନ୍ତି। ଫଳରେ ବରୀ ଶିକ୍ଷାମଣ୍ଡଳ ଅଧୀନ ଗହପାଳ ଉଚ୍ଚତର ମଧ ଇଂରାଜୀ ବିଦ୍ୟାଳୟରେ ଶିକ୍ଷଦାନ ବାଧାପ୍ରାପ୍ତ ହୋଇଛି । ଏହାକୁ ବିରୋଧ କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣାରେ ବସିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ ଉକ୍ତ ବିଦ୍ୟାଳୟରେ ୭ ଟି ଶ୍ରେଣୀରେ ମୋଟ୍ ୧୪୯ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ୫ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଶିକ୍ଷୟିତ୍ରୀ ଛୁଟିରେ ଅଛନ୍ତି। ଅନ୍ୟପକ୍ଷେ ସ୍କୁଲର ପ୍ରଧାନଶିକ୍ଷକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଏପରି ପରିସ୍ଥିତିରେ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ମଙ୍ଗଳବାର ଛାତ୍ରୀଛାତ୍ର, ଅଭିଭାବକ ଓ ବୁଦ୍ଧିଜିବୀ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ନିଯୁକ୍ତି ଦାବି କରିଛନ୍ତି । ଅନ୍ୟପକ୍ଷେ ପ୍ରଧାନଶିକ୍ଷକଙ୍କୁ ଚକ୍ରାନ୍ତ କରି ଗିରଫ କରାଯାଇଛି । ଏହାକୁ ବିରୋଧ କରି ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରେ ବସିଛନ୍ତି। ଖବର ପାଇ ଶିକ୍ଷାମଣ୍ଡଳ ଅଧିକାରୀ ଗୁରୁଚରଣ ଷଡ଼ଙ୍ଗୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ର ଓ ପରିଚାଳନା କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ । ଖୁବ୍ ଶୀଘ୍ର ଆବଶ୍ୟକ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ପ୍ରଧାନଶିକ୍ଷକଙ୍କୁ ମିଛ ମାମଲାରେ ଫସାଇ ଦିଆଯାଇଛି ବୋଲି ଶିକ୍ଷାମଣ୍ଡଳ ଅଧିକାରୀଙ୍କୁ ଅଭିଭାବକମାନେ କହିଥିଲେ । ହେଲେ ଏହା ମୋର କ୍ଷମତା ବାହାରେ ବୋଲି କହି ସେ ଏହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ । ଏ ନେଇ ବରୀ ଶିକ୍ଷାମଣ୍ଡଳ ଅଧିକାରୀ ଷଡ଼ଙ୍ଗୀଙ୍କୁ ପଚାରିବାରେ ଉପରୋକ୍ତ ସ୍କୁଲରେ ଆବଶ୍ୟକ ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

## ଜଗନ୍ନାଥ ମନ୍ଦିରରେ ବିରଳ ପ୍ରଜାପତି ଦେଖିବାକୁ ଭିଡ଼

ରସୁଲପୁର,୨୧।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର ଜଗନ୍ନାଥଙ୍କ ମନ୍ଦିରରେ ମଙ୍ଗଳବାର ଏକ ବିରଳ ପ୍ରଜାପତି ଦେଖିବାକୁ ମିଳିଥିଲା । ପ୍ରଜାପତି ଦେହରେ ପ୍ରଭୁ ଜଗନ୍ନାଥଙ୍କ ଅବିକଳ ଚିତ୍ର ଥିଲା । ଏ କଥା ପ୍ରଚାରିତ ହେବା ପରେ ଭକ୍ତମାନେ ସେଠାରେ ଭିଡ଼ ଜମାଇଥିଲେ। କେହି କେହି ପୂଜାର୍ଚ୍ଚନା କରିଥିଲେ । ଇତିମଧ୍ୟରେ ମନ୍ଦିରର ଶ୍ରୀଜୀଉଙ୍କ ନବକଳେବର ହେବାକୁ ଦାରୁ ଚିହ୍ନଟ ହୋଇଛି। ଏହାକୁ ଏକ ସଂଯୋଗ ବୋଲି କୁହାଯାଉଛି।



# ୨୫୦ ବେକାର ମହିଳାଙ୍କୁ ମିଳିବ ନିଯୁକ୍ତି ସୁଯୋଗ


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ।

### ରସୁଲପୁର ବ୍ଲକରେ ନିଯୁକ୍ତି ମେଳା ପାଇଁ ପ୍ରସ୍ତୁତି ବୈଠକ

ରସୁଲପୁର,୨୧।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଶା ରାଜ୍ୟ ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଯାଜପୁର ଜିଲା ପ୍ରଶାସନ ଓ ଜିଲା ନିୟୋଜନ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏକ ନିଯୁକ୍ତି ମେଳାକୁ ନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ ମେଳା ଜରିଆରେ ୨୫୦ଜଣ ମହିଳାଙ୍କୁ ନିଯୁକ୍ତି ସୁଯୋଗ ଦେବାକୁ ଲକ୍ଷ୍ୟ ରଖାଯାଇଛି । ୫ଜଣ ନିଯୁକ୍ତି ଦାତା ମେଳାରେ ଅଂଶ ଗ୍ରହଣ କରିବା ସହ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବେ ବୋଲି ବୈଠକରୁ ସୂଚନା ମିଳିଛି।

ଚଳିତମାସ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମେଳାର ପ୍ରସ୍ତୁତି ବୈଠକରେ ବିଡିଓ ଅବନିକାନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ । ଏଥିରେ ଦକ୍ଷତା ବିକାଶ ସଂଯୋଜିକା ମଧୁସ୍ମିତା ମହାନ୍ତି ନିଯୁକ୍ତି ମେଳା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏ ଦିଗରେ ସରପଞ୍ଚମାନେ ସେମାନଙ୍କ ପଞ୍ଚାୟତରୁ ଅନ୍ୟୂନ୍ୟ ୧୦ଜଣ ବେକାରୀ ଯୁବତୀଙ୍କୁ ମେଳାରେ ଉପସ୍ଥିତ କରାଇବା ନିଶ୍ଚିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ଯୋଗ୍ୟ ପ୍ରାର୍ଥୀ ସେମାନଙ୍କ ବିଆଇଓ ଡାଟା ସହ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ଆଧାର କାର୍ଡ, ଦୁଇଟି ପାସପୋର୍ଟ ଫଟୋ, ପ୍ରାର୍ଥିନୀ ଓ ସେମାନଙ୍କ ଅଭିଭାବକମାନଙ୍କ ଫୋନ ନମ୍ବର ସହ ସାକ୍ଷାତକାର ପରୀକ୍ଷାରେ ଯୋଗଦେବାକୁ କୁହାଯାଇଛି । ଏଥିସହ ଯୋଗ୍ୟ ପ୍ରାର୍ଥିନୀମାନଙ୍କ ବୟସ ୧୮ ରୁ ୩୫ବର୍ଷ ହୋଇଥିବା ବେଳେ ସରପଞ୍ଚମାନେ ଏ ଦିଗରେ ସେମାନଙ୍କୁ ସହଯୋଗ ଓ ଦିଗଦର୍ଶନ ଦେବାକୁ ପରାମର୍ଶ ଦିଆଯାଇଛି । ମେଳାରେ ୫ଟି ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ଯୋଗଦେବେ । ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ୫ଟି ଓ ନାମ ପଞ୍ଜୀକରଣ ପାଇଁ ଗୋଟିଏ ଷ୍ଟଲ ସ୍ଥାପନ କରାଯିବ ବୋଲି ଜଣାପଡିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ଆବେଦନକାରିଣୀମାନେ ପଞ୍ଜୀକରଣ ପ୍ରକୋଷ୍ଠରେ ନାମ ପଞ୍ଜୀକରଣ କରିବା ସହ ସେମାନଙ୍କ ପସନ୍ଦ ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥାକୁ ଚୟନ କରିବେ । ଉକ୍ତ ଚୟନ ମୁତାବକ ସେମାନଙ୍କୁ ସାକ୍ଷାତକାର ପାଇଁ ସୁଯୋଗ ମିଳିବ । ଚୟନକାରୀ ସଂସ୍ଥା ପକ୍ଷରୁ ପ୍ରାର୍ଥିନୀମାନଙ୍କ କାଗଜପତ୍ରକୁ ଯାଞ୍ଚ କରାଯିବା ସହ ସେମାନଙ୍କୁ କେଉଁଠି ତାଲିମ ଦିଆଯିବ ଓ ତାଲିମର ଅବଧି, ପ୍ରଶିକ୍ଷଣ ନେବା ବେଳେ କ’ଣ ଆବଶ୍ୟକତା ରହିଛି ସେ ସବୁ ଦିଗରେ ସୂଚନା ପ୍ରଦାନ କରାଯିବ ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର

ରସୁଲପୁର,୨୧।୨(ଡି.ଏନ.ଏ.)

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଜରିଆରେ ବ୍ଲକ ପ୍ରଶାସନ, ପୋଲିସ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଆଦି ପକ୍ଷରୁ କି ପ୍ରକାର ସେବା ମଗଣା ଉପଲବ୍ଧ ହୋଇପାରିବ ଓ କେଉଁ ବର୍ଗର ଲୋକ ଏହି ସେବା ପରିସରଭୁକ୍ତ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ରସୁଲପୁର ବିଡିଓ ଅବନିକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଜିଲା ଆଇନ ସେବା କର୍ତ୍ତୃପକ୍ଷର ସେକ୍ରେଟାରୀ ଜ୍ୟୋତିର୍ମୟୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏବିଡିଓ ଦିବ୍ୟକାନ୍ତ ମିଶ୍ର, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଏସ୍. ମହାରଣା, କୁଆଖିଆ ଥାନା ପକ୍ଷରୁ ଏଏସ୍‌ଆଇ ପ୍ରଳୟ କୁମାର ଉତ୍ତରାୟ, ଲିଡ୍‌ବ୍ୟାଙ୍କ ମ୍ୟାନେଜର ମୁରଲୀଧର ନାୟକ, ସମ୍ବଳ ଅଧିକାରୀ ଭାବେ ଡ. ରୁଦ୍ର ନାରାୟଣ ପୃଷ୍ଟି ପ୍ରମୁଖ ଯୋଗଦେଇ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ମହିଳା, ବରିଷ୍ଠ ନାଗରିକ, ୩ଲକ୍ଷରୁ କମ୍ ବାର୍ଷିକ ଆୟ ଥିବା ବ୍ୟକ୍ତିମାନେ ଜରୁରୀ ଆଇନ ସେବା ମାଗଣାରେ ଉପଲବ୍ଧ ହୋଇପାରିବ ବୋଲି ସୂଚନା ଦିଆଯାଇଥିଲା । ପୂର୍ବରୁ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କୁ ମାଗଣା ଆଇନ ସେବା ପ୍ରଦାନ କରାଯାଉଥିଲା । ମାଗଣା ଆଇନ ସେବା ବର୍ଗରେ ଆଉ ୩ଟି ପ୍ରମୁଖ ବର୍ଗକୁ ସାମିଲ କରାଯାଇଛି । ଉକ୍ତ ବର୍ଗର ଲୋକଙ୍କୁ ଏ ନେଇ ଅଧିକ ସଚେତନ କରାଇବା ସହ ଆଇନରେ ଥିବା ସୁବିଧାରୁ ଫାଇଦା ନେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା ।



ସଚେତନତା ଶିବିରରେ ଯୋଗଦେଇଥିବା ଅତିଥି।

## ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

କଳିଙ୍ଗନଗର,୨୧।୨(ଡି.ଏନ୍.ଏ.)

ଦାନଗଦୀ ବ୍ଲକ ତ୍ରୀଜଙ୍ଗା ପଞ୍ଚାୟତର ମିଲିଟାରୀ ଛକଠାରେ ପ୍ରସ୍ତାବିତ ମଦ ଦୋକାନ ଖୋଲିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏଥିପାଇଁ ଏକ ସର୍ବ ସାଧାରଣ ନୋଟିସ ଜାରି କରାଯାଇଛି । ଏହି ନୋଟିସ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଅଞ୍ଚଳର ସରପଞ୍ଚ କାଗଜୀ ପାତ୍ର, ରାଷ୍ଟ୍ରୀୟ ମାନବ ଅଧିକାର ନାଗରିକ ଆୟୋଗର ଜିଲା ସଭାପତି ଏସ.ସାମଲ, ଲକ୍ଷ୍ମୀ ନାରାୟଣୀ ସ୍ୱୟଂ ସହାୟକ ଗୋଷ୍ଠୀର ମମତା ମଞ୍ଜରୀ ରାଉଳ, ଚାଇଁଆ ମୁଦୁଲୀ, ଉର୍ଜା ସ୍ୱୟଂ ସହାୟକ ଗୋଷ୍ଠୀର ସମ୍ପାଦିକା କବିତା ମଳିକ, ତ୍ରୀଜଙ୍ଗା ପଞ୍ଚାୟତର ୱାର୍ଡ ସଭ୍ୟା ସଭ୍ୟ ପ୍ରମୁଖ ଏହାକୁ ବିରୋଧ କରିଛନ୍ତି। କାରଣ ପୂର୍ବରୁ ତ୍ରୀଜଙ୍ଗା ପଞ୍ଚାୟତରେ ୨ଟି ମଦ ଦୋକାନ ରହିଛି । ପୁଣି ଏକ ଠିପି ଖୋଲା ମଦ ଦୋକାନ ଖୋଲିବାକୁ ନେଇ ଏଭଳି ବିରୋଧ ଦେଖାଦେଇଛି। ତେଣୁ ପ୍ରସ୍ତାବିତ ମଦ ଦୋକାନ ବିରୋଧରେ ସ୍ଥାନୀୟ ସରପଞ୍ଚ ବିଭିନ୍ନ ସାମାଜିକ ସଙ୍ଗଠନ, ସ୍ୱୟଂ ସହାୟକ ଗୋଷ୍ଠୀ ଏବେ ବାଧ୍ୟ ହୋଇ ସିଧାସଳଖ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

# ୨ମାସର ଶିଶୁକୁ ଧରି ମହିଳା ଏସ୍‌ପିଙ୍କ ଦ୍ୱାରସ୍ଥ

ପାଣିକୋଇଲି,୨୧।୨(ଡି.ଏନ.ଏ.)


ଏସ୍‌ପିଙ୍କୁ ଅଭିଯୋଗପତ୍ର ଦେବାକୁ ଆସିଥିବା ମହିଳା ।

ଯୌତୁକ ନିର୍ଯାତନା ଓ ଜୀବନରୁ ମାରିଦେବା ମସୁଧାକୁ ପଣ୍ଡ କରି ଥାନାର ଦ୍ୱାରସ୍ଥ ହୋଇଥିଲେ ଜଣେ ମହିଳା । ହେଲେ ସେଠାରେ ନ୍ୟାୟ ନ ପାଇବାରୁ ମହିଳା ଜଣକ ପାଣିକୋଇଲିସ୍ଥିତ ଜିଲା ପୋଲିସ ମୁଖ୍ୟାଳୟରେ ପହଞ୍ଚି ନ୍ୟାୟ ମାଗିଛନ୍ତି । ସେ ତାଙ୍କ ସହିତ ୨ ମାସ ଶିଶୁର ସୁରକ୍ଷା ଦାବି କରିଛନ୍ତି ।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାମ୍ପିଡ ଗ୍ରାମର ଧରତ୍ରୀ ୨୦୨୧ ଫେବୃୟାରୀ ୨ରେ ଯାଜପୁର ଜିଲା ଟମକା ଥାନା ଅନ୍ତର୍ଗତ ଚିତ୍ରି ଗ୍ରାମର ମାନସ ଷେଣ୍ଡଙ୍କୁ ବିବାହ କରିଥିଲେ । ୬ ମାସ ପରେ ଅଧିକ ଯୌତୁକ ଦାବିକରି ଶାଶୁଘର ଲୋକେ ଧରିତ୍ରୀଙ୍କ ଉପରେ ନିର୍ଯାତନା ଆରମ୍ଭ କରିଥିଲେ । ପରିବାରର ସମସ୍ତ ସଦସ୍ୟ ମିଶି ତାଙ୍କୁ ଜୀବନରୁ ମାରି ଦେବାକୁ ଯୋଜନା ପ୍ରସ୍ତୁତ କରିଥିଲେ । ଧରିତ୍ରୀଙ୍କ ବାପା ଜଣେ କ୍ୟାନସର ରୋଗୀ ହୋଇଥିବାରୁ ବାରମ୍ବାର ଟଙ୍କା ଦେବାକୁ ମନା କରିଦେଇଥିଲେ । ଏହାପରେ ଅଧିକ ନିର୍ଯାତନାର ଶିକାର ହେବା ପରେ ଧରିତ୍ରୀ ଭାଇଙ୍କୁ ଡାକି ବାପଘରକୁ ଚାଲିଯାଇଥିଲେ । ଏନେଇ ୨୦୨୨ ନଭେମ୍ବର ୧୪ରେ ଟମକା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ୧୪୦/୨୨ରେ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା । ପୋଲିସ ରଫାଦଫା କରିବାକୁ କହିବାରୁ ଶେଷରେ ଧରିତ୍ରୀ ନିଜର ୨ମାସ ଶିଶୁକୁ ଧରି ଏସ୍‌ପିଙ୍କୁ ସାକ୍ଷାତ କରିଛନ୍ତି ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

ରାଜନଗର,(ଡି.ଏନ୍.ଏ.): ରାଜନଗର ବ୍ଲକ ସାନବଡ଼ ଗୋପାଳପୁରସ୍ଥିତ ତୁଳସୀ ଆଇଡିଆଲ୍ ପବ୍ଲିକ ସ୍କୁଲ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ସଭାପତି କୃପାସିନ୍ଧୁ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି ନିରଞ୍ଜନ ଶତପଥୀ, ସମ୍ପାଦକ ପ୍ରସନ୍ନ ଦାସ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ରଥ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଦାଶରଥି ଲେଙ୍କା, ସୁକାନ୍ତ କୁମାର ତ୍ରିପାଠୀ, ବିପ୍ର ଚରଣ ବେହୁରା, ଅର୍ଜୁନ ଚରଣ ସ୍ୱାଇଁ, ବୀର କିଶୋର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ବ୍ଲକର କାଙ୍ଗାଳି ଚରଣ ସାହୁ, ବୈକୁଣ୍ଠ ଦାସ, ଜୟୀରାମ ରାଉତ, ଗୌରାଙ୍ଗ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାହ୍ମଣୀନଦୀରୁ ଚାଲିଛି ବେଆଇନ ବାଲି ଉଠାଣ

**କେନ୍ଦ୍ରାପଡ଼ା ଅଫିସ,୨୧।୨**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବାଲି ଚୋରା ଚାଲାଣ କରୁଥିବା ମାଫିଆ ଓ ତାଙ୍କୁ ସହଯୋଗ କରୁଥିବା ଅଧିକାରୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ପଟ୍ଟାମୁଣ୍ଡାଇ ପୂର୍ବତନ ବିଧାୟକ ତାପସ କୁମାର ଦାସ। ଏହି ପ୍ରସଙ୍ଗରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଓ ୫-ଟି ସଚିବଙ୍କୁ ଚିଠି ଲେଖିଛନ୍ତି। ନିଜ ଚିଠିରେ ସେ ଦର୍ଶାଇଛନ୍ତି, ପଟ୍ଟାମୁଣ୍ଡାଇ ଦେଇ ପ୍ରବାହିତ ବ୍ରାହ୍ମଣୀନଦୀ ପଠା କଷଣଅଣ୍ଡା କୂଳରୁ ବାଲି ମାଟି ଉଠାଣକୁ ବନ୍ଦ କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଓ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଉକ୍ତ ସ୍ଥାନରୁ ଏବେ ଦୈନିକ ଶତାଧିକ ହାଇୱା ଓ ଟ୍ରାକ୍ଟରରେ ବାଲିମାଟି ବୁହା ଚାଲିଛି। ଉପରୋକ୍ତ ସ୍ଥାନରୁ ମାଟି ଉଠାଣକୁ ନେଇ ପୂର୍ବରୁ ଏନ୍‌ଜିଟି କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ କଡ଼ା ଭାଷାରେ ସମାଲୋଚନା କରିବା ସହିତ ଜରିମାନା କରିଥିଲା। ତେବେ କେନ୍ଦ୍ରାପଡ଼ା ଜିଲାପାଳ, ଏଡିଏମ୍, ପଟ୍ଟାମୁଣ୍ଡାଇ ତହସିଲଦାର ଏବଂ ପ୍ରଶାସନିକ ଅଧିକାରୀମାନେ ଏନ୍‌ଜିଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଂଘନ ସହିତ ସମସ୍ତ କଟକଣାକୁ ଫୁ କରି ବାଲିମାଟି ଖୋଳୁଥିବା ଏକ ଠିକାସଂସ୍ଥା ବିରୋଧରେ କୌଣସି ପଦକ୍ଷେପ ନ ନେଇ ନୀରବତା ଅବଲମ୍ବନ କରୁଛନ୍ତି। ମାଟିବାଲି ଉଠାଣ ଦ୍ୱାରା ବାଛରା, ମଣପଡା, ବଳଦେବନଗର, ବାଲିପଡା, କଷଣଅଣ୍ଡା ଓ ଉତିକଣ ବନ୍ୟା ନିରୋଧକ ବନ୍ଧ ଓ ପତ୍ରପୁର ପୋଲ ପ୍ରତି ବିପଦ ସୃଷ୍ଟି କରିବ ବୋଲି ସେ ଦର୍ଶାଇଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ପଟ୍ଟାମୁଣ୍ଡାଇ ତହସିଲଦାର, କେନ୍ଦ୍ରାପଡ଼ା ଏଡିଏମ୍ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ

- **ବାଲି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**
- **ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ**

ହେଉଥିଲେ ମଧ୍ୟ ବେଆଇନ ବାଲି ଉଠାଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବରଂ ସେହି ଠିକାସଂସ୍ଥାକୁ ସୁରକ୍ଷା ଯୋଗାଇ ଦିଆଯାଉଛି।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ଭଲ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ରାଜ୍ୟ ସରକାର କଷଣଅଣ୍ଡାଠାରେ ୧୭ କୋଟି ଟଙ୍କା ବ୍ୟୟରେ ଏକ କ୍ରିଟିକାଲ କେୟାର ହସ୍ପିଟାଲ ନିର୍ମାଣ ପାଇଁ ପଦକ୍ଷେପ ନେଇଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଶକ୍ତି ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ ଦେବ



କେୟାର ହସ୍ପିଟାଲର ଶିଳାନ୍ୟାସ ଫଳକ।

ଉକ୍ତ ହସ୍ପିଟାଲର ଶିଳାନ୍ୟାସ କରିଥିଲେ। କେୟାର ହସ୍ପିଟାଲ ନିର୍ମାଣ ପାଇ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ-୧ କାର୍ଯ୍ୟାଦେଶ ପାଇ ଚୁଳି ଏଣ୍ଡ ସନ୍ସ ଠିକାସଂସ୍ଥାକୁ ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପ୍ରଦାନ କରିଥିଲା। ମାତ୍ର ଏଷ୍ଟିମେଟରେ ମାଟି ବାହାରୁ କିଣି ପକାଇବା ପାଇଁ ବ୍ୟବସ୍ଥା ଥିବା ବେଳେ ମାଲିକ ରାମ ଚୁଳି ୨୦୦ ମିଟର ଦୂର ବ୍ରାହ୍ମଣୀ ନଦୀପଠାରୁ ବାଲି ଉଠାଇ ପକାଉଛନ୍ତି, ଯାହାକୁ ନେଇ ଉକ୍ତ ହସ୍ପିଟାଲ ପ୍ରତି ବିପଦ ରହୁଛି ବୋଲି ପୂର୍ବତନ ବିଧାୟକ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ବାଲି ଚୋରା ଚାଲାଣରେ ସଂପୃକ୍ତ ଥିବା ଚୁଳି ଠିକା ସଂସ୍ଥାଙ୍କୁ ତଦନ୍ତ ପରିସରଭୁକ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ସେଠୀଙ୍କ ବଦଳି ହୋଇଥିଲେ ମଧ୍ୟ ସେ ତହସିଲ କାର୍ଯ୍ୟାଳୟ ଛାଡୁନାହାନ୍ତି। ଏହା ପଛରେ କାହାର ହାତ ଅଛି, ତାହାର ତଦନ୍ତ ହେବା ଆବଶ୍ୟକ। ଏହି ସରକାରୀ ଅଧିକାରୀଙ୍କ ପ୍ରୋତ୍ସାହନରେ ବାଲି ମାଫିଆ ରାଜ ଚଳାଇଛନ୍ତି। ବାଲି ଚୋରା ଚାଲାଣ କରୁଥିବା ମାଫିଆଙ୍କୁ ତୁରନ୍ତ ଗିରଫ କରାଯିବା ସହ ରାଜ୍ୟ ସମ୍ପତ୍ତିକୁ ସୁରକ୍ଷା ଦେବା ପାଇଁ ଦାସ ଗୁରୁତ୍ୱାରୋପ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କର୍ମୀ ଗୋପୀବଲ୍ଲଭ ତ୍ରିପାଠୀ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବିରରେ ଏ ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି।

ଏନେଇ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ, ପଟ୍ଟାମୁଣ୍ଡାଇ ଉନ୍ନତି ପାଇଁ କାମ ହେଉଛି। ଏନ୍‌ଜିଟି କଥା ମାନିଲେ କୌଣସି ବିକାଶମୂଳକ କାମ ହୋଇପାରିବ ନାହିଁ। ତହସିଲଦାର ବଦଳି କଥା ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଅଧିକ ବାଲି ଉଠାଣ ଓ ପରିବେଶ ସୁରକ୍ଷା ସଂକ୍ରାନ୍ତ କାଗଜପତ୍ର ତନଖି କରାଯିବ। ଅଭିଯୋଗର ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ବାବଦରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲ୍ଲୀପ ସେଠୀଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ କଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ୪ ବଖରା ଜଳିଗଲା

**ରାଜନଗର, ୨୧।୨(ଡି.ଏନ.ଏ.):** ରାଜନଗର ବ୍ଲକ ଘଡ଼ିଆମାଳ ପଞ୍ଚାୟତ ଜୁଣଗଡି ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡରେ ୨ ପରିବାରର ୪ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ସନ୍ଧ୍ୟାରେ ହଠାତ ଗାଁର ସୁକଦେବ ଦାସ ଓ ଗଜେନ୍ଦ୍ର ଦାସଙ୍କ ଘରେ ନିଆଁ ଲାଗିଥିଲା। ବିଦ୍ୟୁତ୍ ଶଟସର୍କିଟରୁ ଘରେ ନିଆଁ ଲାଗିଥିବା ଜଣାପଡିଛି। ବିଦ୍ୟୁତ ଶଟସର୍କିଟରୁ ନିଆଁ ଲାଗିଥିବାରୁ ନିଆଁକୁ ଆୟତ୍ତ କରାଯାଇ ପାରି ନ ଥିଲା। ବିଦ୍ୟୁତ୍ କାଟ ହେବା ବେଳକୁ ଘର ପୋଡି ଯାଇଥିଲା। ୨ ପରିବାର ସଦସ୍ୟ ପିନ୍ଧିଥିବା ଲୁଗା ବ୍ୟତୀତ ଅନ୍ୟ କୌଣସି ଆସବାବପତ୍ର ଉଦ୍ଧାର କରି ପାରିନାହାନ୍ତି। ଗଜେନ୍ଦ୍ରଙ୍କ ପତ୍ନୀଙ୍କର କ୍ୟାନସର ପଜେଟିଭ ବହାରିଥିବାରୁ ମଙ୍ଗଳବାର ଚିକିତ୍ସା ପାଇଁ କଟକ ଯାଇଛନ୍ତି। ଏପଟେ ତାଙ୍କର ଘର ପୋଡି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ସମସ୍ତ ଆସବାବପତ୍ର ସହ ଧାନ ଚାଉଳ ପୋଡିଯାଇଛି। ଖବରପାଇ ଘଡ଼ିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ବିପନ୍ନ ପରିବାରକୁ ପଡ଼ୋଶୀଙ୍କ ଘରେ ରଖାଇଛନ୍ତି।

### ବାଇକ୍ ଧକ୍କାରେ ମହିଳା ଗୁରୁତର

**ବାଲିକୁଦା,୨୧।୨(ସ୍ୱ.ପ୍ର.):** ବାଲିକୁଦା ଥାନା ଅନ୍ତର୍ଗତ ତେନ୍ତୁଲିବେଲାରି ଗ୍ରାମର ଫଗୁ ସ୍ୱାଇଁଙ୍କ ସ୍ତ୍ରୀ ଚନୀ (୬୫) ମଙ୍ଗଳବାର ଅପରାହ୍ନରେ ଏକ ବାଇକ୍ ଧକ୍କାରେ ଗୁରୁତର ହୋଇଛନ୍ତି। ସେ ସନ୍ଧ୍ୟାରେ ଝିଅ ଘର ମାଳଗଡ଼କୁ ଯାଇ ସେଠାରୁ ଚାଲି ଚାଲି ଆସୁଥିବାବେଳେ ଏକ ବାଇକ୍ ଧକ୍କା ଦେଇଥିଲା। ଏହାପରେ ଚାଳକ ଜଣକ ବାଇକ୍ ଛାଡି ସେଠାରୁ ଫେରାର ହୋଇଯାଇଥିଲେ। ଫଳରେ ଚନୀ ଗୁରୁତର ହୋଇଥିଲେ। ତାଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ଖବରପାଇ ଅନନ୍ତପୁର ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ଚନୀଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇଥିଲେ। ଏଥିସହ ଉକ୍ତ ବାଇକ୍‌କୁ ଜବତ କରି ଫାଣ୍ଡିକୁ ନେଇଛନ୍ତି।

### ମନ୍ଦିର ଭିତରେ ନାଗସାପ: ଲୋକଙ୍କ ପୂଜାର୍ଚ୍ଚନା



**କୁଜଙ୍ଗ,୨୧।୨(ଡି.ଏନ୍.ଏ.):** କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ ଛକସ୍ଥିତ ମା'ତାରିଣୀଙ୍କ ମନ୍ଦିର ଭିତରେ ମଙ୍ଗଳବାର ଏକ ନାଗସାପ ଦେଖିବାକୁ ମିଳିଛି। ସକାଳ ସମୟରେ ମନ୍ଦିରର ପୂଜକ ଶିକୁନ ଦାଶ ପୂଜାକରିବା ପାଇଁ ମନ୍ଦିର କବାଟ ଖୋଲିଥିଲେ। ଚଟାଣରେ ଉକ୍ତ ସାପକୁ ଶୋଇଥିବା ଦେଖି ତୁରନ୍ତ ମନ୍ଦିରର ସଭାପତି ଲୋକନାଥ ରାଉତ ଓ ସମ୍ପାଦକ ଧୀରେନ୍ଦ୍ର ପରିଡ଼ାଙ୍କୁ ଜଣାଇଥିଲେ। ଏହାପରେ ରାଉତ ଓ ପରିଡ଼ା ପହଞ୍ଚି ସେଠାରେ ନାଗଦେବତାଙ୍କର ପୂଜାର୍ଚ୍ଚନା କରିବାକୁ ବନ୍ଦୋବସ୍ତ କରିଥିଲେ। ଘଟଣା ପ୍ରଚାରିତ ହେବାମାତ୍ରେ ସେଠାରେ ବହୁ ସଂଖ୍ୟକ ଲୋକ ରୁଣ୍ଡ ହୋଇ ପୂଜାର୍ଚ୍ଚନା କରିବା ସହ ଦିନ ତମାମ ଭଜନ କୀର୍ତ୍ତନ କରିଛନ୍ତି।

# 'ଭାଷା ହିଁ ସମସ୍ତଙ୍କୁ ଯୋଡ଼ି ରଖିଛି'


ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ବିଶ୍ୱ ମାତୃଭାଷା ଦିବସ ପାଳିତ**

**କେନ୍ଦ୍ରାପଡ଼ା ଅଫିସ, ୨୧।୨**

କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ସ୍ଥାନରେ ବିଶ୍ୱ ମାତୃଭାଷା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଏ ନେଇ ଏକ ସଭା ସହରର ପବ୍ଲିକ ରିଡିଂ ରୁମ୍‌ରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଥିପାଇଁ ସଭାରେ ପୌରାଧ୍ୟକ୍ଷା ସରିତା ସାହୁ, ଶିକ୍ଷାବିତ୍ ସୁରେନ୍ଦ୍ର ଆଚାର୍ଯ୍ୟ, ଆଇନଜୀବୀ ଧ୍ରୁବ ଚରଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷାକୁ ପରିବର୍ଦ୍ଧିତ ପାଇଁ ବହୁ ଭାଷାର ଆବଶ୍ୟକତା ଓ ଏଥିରେ ମାତୃଭାଷାର ସୁରକ୍ଷା ସମ୍ପର୍କରେ ମତ ରଖିଥିଲେ। ସେମାନେ କହିଥିଲେ ଯେ, ଭାଷା ହିଁ ସମସ୍ତଙ୍କୁ ଯୋଡି ରଖିଛି। ମନର ଭାବ ପ୍ରକାଶ ପାଇଁ ବିଶ୍ୱରେ ୬୭୦୦ ଭାଷା ପ୍ରୟୋଗ ହେଉଥିଲେ ମଧ୍ୟ ଏହାର ସୁରକ୍ଷା କାରଣରୁ ପ୍ରାୟ ୪୦ ପ୍ରତିଶତ ଭାଷା ବିଲୁପ୍ତ ହେବାକୁ ବସିଛି। ମାତୃଭାଷାର ସୁରକ୍ଷା ଦାୟିତ୍ୱ ନିଜେ ନେବାକୁ ହେବ। ବିଭିନ୍ନ ଭାଷାରେ ପାରଙ୍ଗମ ହେବା ସାମ୍ପ୍ରତିକ ସମୟର ଆହ୍ୱାନ ହୋଇଥିବା ବେଳେ ମାତୃଭାଷାର ସୁରକ୍ଷା ଦାୟିତ୍ୱ ନିଜକୁ ଉଠାଇବାକୁ ପଡ଼ିବ। ଏହି ସଭାରେ ଡ. ବାସୁଦେବ ଦାସ, ଆଦିକନ୍ଦ ରାଉଳ, ରାମକୃଷ୍ଣ ଦାଶ, ଶିକ୍ଷାବିତ୍ ମୋହନ ଜେନା, ଅଜୟ ସାମଲ, ଡ. ଭାଗ୍ୟଧର ସାହୁ, ଅବନ୍ତୀ ବେହେରା ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ। ସେହିପରି କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ବିଭାଗ ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ମୁଖ୍ୟ ଅଧ୍ୟାପିକା ତୁଷାରକାନ୍ତୀ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟାପକ ଡ. ଅଜିତ କୁମାର ଦାସ, ପ୍ରମୋଦ କୁମାର ବେହେରା, ସସ୍ମିତା ଅଧିକାରୀ, ପବିତ୍ର ସାହୁ, ଅମୀୟ ରଞ୍ଜନ ଜେନା, ଡ. ସେକ ହବିବ, ଡ. ପ୍ରୀତିରେଖା ସ୍ୱାଇଁ, ଅଧ୍ୟାପିକା ସସ୍ମିତା ବେଦାନ୍ତ, ନିରୁପମା ପାଣି, ନିହାରୀକା ମୁଦୁଲି ପ୍ରମୁଖ ଏହି ଦିବସ ପାଳନର ତାତ୍ପର୍ଯ୍ୟ ବୁଝାଇ ଥିଲେ।

## ବାଲିଚନ୍ଦ୍ରପୁରରେ ବାଲି ମହୋତ୍ସବ

**ରାଜନଗର, ୨୧।୨ (ଡି.ଏନ୍.ଏ.)**

ରାଜନଗର ବ୍ଲକ ବାଲିଚନ୍ଦ୍ରପୁରରେ ମହାଶିବରାତ୍ରି ଉପଲକ୍ଷେ ଅଷ୍ଟଶମ୍ଭୁ ବାଲୁଙ୍କେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ବାଲି ମହୋତ୍ସବ ଅନୁଷ୍ଠିତ ହୋଇଛି। ୩୦ ନଂ. ଜୋନ୍ ଜିଲାପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ଗୀତିକାର କୁମାର ଲିଟନ, ସଙ୍ଗୀତକାର ରାମଚନ୍ଦ୍ର ବାରିକ, ରାଜପୁର ପଞ୍ଚାୟତ ସରପଞ୍ଚ ରାଣୀ ମଞ୍ଜରୀ ସେଠୀ, ସମିତିସଭ୍ୟ ଜନ୍ମେଜୟ ସେଠୀ, ନାଟ୍ୟକାର ବରଦାକାନ୍ତ ଜେନା, କବି ସାନ୍ତନୁ ସ୍ୱାଇଁ, ଯାତ୍ରା କଳାକାର ମନୋଜ କୁମାର ବାରିକ, ଅଷ୍ଟଶମ୍ଭୁ ବାଲୁକେଶ୍ୱର କଲଚରାଲ ଆସୋସିଏଶନର ଉପଦେଷ୍ଟା ଶାନ୍ତନୁ କୁମାର ପାତ୍ର, ସମ୍ପାଦକ ବିଦୁ ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ନିରାକାର ଦାସ, ରଶ୍ମି ରଞ୍ଜନ ସ୍ୱାଇଁ, ଅଜୟ ତ୍ରିପାଠୀ, ସୂର୍ଯ୍ୟମଣି ସେଠୀ, ବୃନ୍ଦାବନ ସେଠୀ, ପତିତପାବନ ଦାସ, କେତନ ପାତ୍ର, କୁଞ୍ଜ ବିହାରୀ ଦାସ, ଲକ୍ଷ୍ମଣ ସେଠୀ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିବା ବେଳେ ସମାଜସେବୀ ଶ୍ରୀନିବାସ ପାତ୍ର ପରିଚାଳନା କରିଥିଲେ।

## ରାଜନଗରରେ ଦୋଳ ମେଳଣ ପାଇଁ ପ୍ରସ୍ତୁତି


ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

**ରାଜନଗର, ୨୧।୨(ଡି.ଏନ.ଏ.)**

ରାଜନଗରରେ ଗଣପର୍ବ ଦୋଳ ମେଳଣ ଉତ୍ସବକୁ ସଫଳତାର ସହ ପାଳନ କରିବାକୁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ଥାନାର ସବ୍‌ଇନ୍ସପେକ୍ଟର ବିଭୂ ପ୍ରସାଦ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ଉପସଭାପତି ରମେଶ କୁମାର ଲାଲ, ସହସମ୍ପାଦକ ଚିତ୍ତ ରଞ୍ଜନ ଦାସ, କୋଷାଧ୍ୟକ୍ଷ ଅନିରୁଦ୍ଧ ପରିଡ଼ା, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ରବୀନ୍ଦ୍ର ନାଥ ନାୟକ, ନାରାୟଣ ମାହୁନ୍ତ, ରମଣୀ ରଞ୍ଜନ ମହାପାତ୍ର, ରିଘାଗଡ଼ ବଳଦେବ ଜୀଉ ମନ୍ଦିରର ପରିଚାଳକ ସୁବାସ ଚନ୍ଦ୍ର ଦାଶ, କେରେଡାଗଡ ଜଗନ୍ନାଥ ମନ୍ଦିର ପରିଚାଳକ ପୀତାମ୍ବର ଦାଶ, ରାଜନଗର ଥାନପତି ଶ୍ରୀଦଧିବାମନ ଜୀଉ ମନ୍ଦିରର ଲମ୍ବୋଦର ବାବୁ, ମାଣପଡ଼ା ଶ୍ରୀହିରଣ୍ୟଗର୍ଭ ମଠର ପ୍ରଫୁଲ୍ଲ କୁମାର ଦାଶ, ଶ୍ରୀରାଧାକୃଷ୍ଣ ଜୀଉ ରାଜନଗରର ବନମାଳୀ ମିଶ୍ର, ରାଧାକ୍ରୀଷ୍ଣ ଜୀଉ ଦିବ୍ୟସିଂହପୁର ଶାସନ ରାଜନଗରର ହରପ୍ରସାଦ ଷଡଙ୍ଗୀ, ଶ୍ରୀମଦନମୋହନ ଜୀଉ ମାଣପଡାର ପରମେଶ୍ୱର ପଣ୍ଡା ଉପସ୍ଥିତ ଥିଲେ। ସେହିପରି ଶ୍ରୀରାଧାକୃଷ୍ଣଜୀଉ ସାନଓରର ବିଭୂତି ଭୂଷଣ ନାୟକ, ଶ୍ରୀକୁଞ୍ଜବିହାରୀ ଜୀଉ କୁରୁଣ୍ଟିର ଜଗବନ୍ଧୁ ପରିଡ଼ା, ଶ୍ରୀରାଧାକୃଷ୍ଣ ଜୀଉ ରାଜନଗର ବଡଦାଣ୍ଡର ବୈକୁଣ୍ଠନାଥ ସ୍ୱାଇଁ ପ୍ରମୁଖ ଅନ୍ୟ ମନ୍ଦିର ଓ ମଠବାଡିର ସଦସ୍ୟ ଯୋଗ ଦେଇଥିଲେ। ସେମାନେ ଦୋଳ ମେଳଣ, ହୋଲି ଉତ୍ସବକୁ ଉତ୍ସାହର ସହ ପାଳନ କରିବାକୁ ପ୍ରସ୍ତାବମାନ ଦେଇଥିଲେ। ଥାଟପାଟରେ ଠାକୁରଙ୍କୁ ପାରମ୍ପରିକ ନୃତ୍ୟ ସହିତ ମେଳଣ ପଡିଆକୁ ଅଣାଯିବ। ବ୍ଲକ କ୍ୟାମ୍ପସରେ ମେଳଣ ଉତ୍ସବ ଅନୁଷ୍ଠିତ ହେବ। ଦୋଳ ମେଳଣକୁ ଅଧିକ ଆକର୍ଷଣୀୟ କରିବାକୁ ଭଜନ ସମାରୋହ ଅନୁଷ୍ଠିତ ହେବ।

## ଥାନାରେ ଏତଲା ଦେଇ ବୃଦ୍ଧାଙ୍କ ଆତ୍ମହତ୍ୟା ଉଦ୍ୟମ

**କେନ୍ଦ୍ରାପଡ଼ା ଅଫିସ,୨୧।୨**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ମଙ୍ଗଳବାର ଦେଖିବାକୁ ମିଳିଛି। ପାରିବାରିକ ନିର୍ଯାତନା ସମ୍ପର୍କରେ ଥାନାରେ ଏତଲା ଦେଇ ଖାରକଟା ଗାଁର ଫୁଲରାଣୀ ଧଳ ମଧ୍ୟାହ୍ନରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକ ଫୁଲରାଣୀଙ୍କୁ ପ୍ରଥମେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଉଛନ୍ତି। ରାଜକନିକା ଥାନା ଏସ୍‌ଆଇ ଜେ. ପ୍ରଧାନଙ୍କ ସୂଚନା ଅନୁଯାୟୀ, କିଛିଦିନ ହେବ ଫୁଲରାଣୀଙ୍କୁ ସ୍ୱାମୀ, ପୁଅ, ବୋହୂ ଆଦି ପରିବାର ଲୋକ କୌଣସି କାରଣରୁ ଖାଇବାକୁ ନ ଦେଇ ନିର୍ଯାତନା ଦେଉଥିଲେ। ସମ୍ପୃକ୍ତ ବୃଦ୍ଧା ସକାଳେ ରାଜକନିକାସ୍ଥିତ ସାନପୁଅ ଘରକୁ ଆସିଥିବା ବେଳେ ପରିବାର ଲୋକ ସେଠାରେ ଆସି ବୃଦ୍ଧାଙ୍କୁ ଗାଳି କରିଥିଲେ। ଏ ନେଇ ମଧ୍ୟାହ୍ନରେ ଫୁଲରାଣୀ ଥାନାରେ ପହଞ୍ଚି ଏତଲା ଦେଇଥିଲେ। ତଦନ୍ତ ଆରମ୍ଭ ହୋଇଥିବା ବେଳେ ଏହି ବୃଦ୍ଧା ଜଣକ ବାହାରେ ଯାଇ ବିଷ ପିଇ ଦେଇଥିଲେ। ଗୁରୁତର ହୋଇପଡିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ଅପରପକ୍ଷରେ ଏତଲାରେ ଥିବା ବ୍ୟକ୍ତିଙ୍କୁ ଡାକି ପଚରାଉଚରା କରାଯାଉଥିବା ଏସ୍‌ଆଇ ପ୍ରଧାନ ସୂଚନା ଦେଇଛନ୍ତି।

## କବାଟ ବାହାରେ ତାଲା ମାରି ଟଙ୍କା, ସୁନାଗହଣା ଚୋରି

**ପଟ୍ଟାମୁଣ୍ଡାଇ, ୨୧।୨(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଖଡିଅଣ୍ଟ ପଞ୍ଚାୟତ ନଳଢଳିଆ ଗାଁର ମଳୟ ଦାସଙ୍କ ଘରୁ ସୋମବାର ରାତିରେ ଚୋରି ହୋଇଛି। ଚୋରମାନେ ସ୍କାଏଲାଇଟ ଭାଙ୍ଗି ଘର ଭିତରେ ପଶିଥିଲେ। ମଳୟ ଶୋଇଥିବା ଘରର କବାଟରେ ବାହାର ପଟୁ ତାଲା ମାରି ଅନ୍ୟ ଏକ କୋଠରିର ବାକ୍ସ ତାଡି ପ୍ରାୟ ୧୦ ଭରି ସୁନା ଅଳଙ୍କାର ସହ ନଗଦ ଟଙ୍କା ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଆସି ଏହି କାଣ୍ଡ ଭିଆଇ ଥିଲେ ହେଁ ମଳୟଙ୍କ ପରିବାର ଶୋଇଥିଲେ ବି କାହାରି ନିଦ ଭାଙ୍ଗି ନ ଥିଲା। ଭୋରୁ ଉଠିବା ପରେ ଘର କବାଟ ବାହାରୁ ବନ୍ଦ ଥିବାରୁ କିଛି ଅଘଟଣ ଘଟିଥିବା ଅନୁମାନ କରି ଡାକ ଛାଡିଥିଲେ। ତାଙ୍କ ଡାକ ଶୁଣି ଗାଁର ଲୋକମାନେ ଘର ଭିତରକୁ ଆସି କବାଟ ଖୋଲିବା ପରେ ଚୋରି ସମ୍ପର୍କରେ ଜଣାପଡ଼ିଥିଲା। ଏ ବାବଦରେ ମଳୟ ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅପରାହ୍ନ ୪ଟା ବେଳେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛନ୍ତି। ତେବେ ସେହି ଗ୍ରାମରେ ସୁଶିଳ ଦାସ ଓ ବାବନ ଯେନାଙ୍କ ଘରେ ଚୋରି କରିବାକୁ ପ୍ରୟାସ ହୋଇଥିବା ଜଣାଯାଇଛି।

## ବନମାଳୀ ବ୍ରହ୍ମଚାରୀ ସ୍ମାରକୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ

**ରାଜନଗର,୨୧।୨ (ଡି.ଏନ୍.ଏ.)**

ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ପଞ୍ଚୁବରାହୀ ସରକାରୀ ଉଚ୍ଚ ବିଦ୍ୟାଳୟ ମାଣପଡ଼ାଠାରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ସ୍ମାରକୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦାମୋଦର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ସରପଞ୍ଚ ମଞ୍ଜୁଳା ଦାସ ଉଦ୍‌ଘାଟନ କରିଥିଲେ। ଏଥିରେ ଶିଶୁମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ୬ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯାଜପୁର ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି, ଶିକ୍ଷାବିତ୍ ମହେଶ୍ୱର ରାଉତ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସଭାପତି ଗୋକୁଳ ଚନ୍ଦ୍ର ସାହୁ, ପ୍ରଧାନ ଶିକ୍ଷକ ଶୁଭ୍ରଜ କୁମାର ବରାଳ, ଉପଦେଷ୍ଟା ବିଜୟ କୁମାର ଜେନା, ଜିଲା ସଭାପତି ଦୟାନିଧି ସ୍ୱାଇଁ, ଜିଲା ସମ୍ପାଦକ ତୁଷାରକାନ୍ତ ସ୍ୱାଇଁ, ସିଆରସିସି ମହେଶ୍ୱର ସାହୁ ପ୍ରମୁଖ କାର୍ଯ୍ୟରେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜକନିକା ସଂଘର ପ୍ରଦୀପ୍ତ କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ଶିକ୍ଷକ ସଂଘ ସାଧାରଣ ସଭାପତି ବିକ୍ରମ କୁମାର ଦାସ, ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା, କେନ୍ଦ୍ରାପଡ଼ା ବ୍ଲକ ଶିକ୍ଷାଧିକାରୀ ପାବନୀ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ସୁନାକର ମଲିକ ଅତିଥି ପରିଚୟ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ନବୀକରଣ ହେଉନି ନଦୀବନ୍ଧ ରାସ୍ତା: ଯାତ୍ରୀ ହନ୍ତସନ୍ତ

**ଜଗତସିଂହପୁର ଅଫିସ, ୨୧।୨**

ଜଗତ୍‌ସିଂହପୁରରୁ ପୁରୀ, କୋଣାର୍କ, ନିଆଳି, ନିମାପଡ଼ା, ଭୁବନେଶ୍ୱର ଆଦିର ଦୂରତା କମାଇବା ପାଇଁ ସରକାର ଚିନ୍ତା କରିଥିଲେ। ତେଣୁ ଦେବୀ ନଦୀର ଆଳିପିଙ୍ଗଳ ଓ କନ୍ଦଳର କାଳଖ ନିକଟରେ ୨ଟି ପୋଲ ନିର୍ମାଣ ହୋଇଛି। ଏହି ପୋଲ ଦ୍ୱୟ ନିର୍ମାଣ ପୂର୍ବରୁ ଉଭୟ ପୋଲ ମଧ୍ୟ ଭାଗରେ ଥିବା ନଦୀ ବନ୍ଧ ରାସ୍ତାର ନବୀକରଣ କରାଯିବ ବୋଲି ଚିନ୍ତା କରାଯାଇଥିବା କୁହାଯାଇଥିଲା। ଦେବୀ ନଦୀର ଆଳି ପିଙ୍ଗଳ ପୋଲ ଦୀର୍ଘ ବର୍ଷ ତଳେ ନିର୍ମାଣ ସରିଥିବା ବେଳେ କାଳଖ ପୋଲ ନିର୍ମାଣକୁ ୨ ବର୍ଷ ବିତିଛି। ମାତ୍ର ଏପର୍ଯ୍ୟନ୍ତ ଉକ୍ତ ରାସ୍ତା ନବୀକରଣ କାର୍ଯ୍ୟ ହୋଇନାହିଁ। ସରକାର ଏକଥା ଭୁଲିଯାଇଛନ୍ତି ନା ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଖାମଖିଆଲ ଯୋଗୁ ଏହା ହୋଇପାରିନାହିଁ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଦୁଇ ପୋଲ ମଧ୍ୟସ୍ଥ ନଦୀ ବନ୍ଧ ରାସ୍ତାରେ ରାତି ତ ଦୂରର କଥା ଦିନରେ ଚାଲିବା ବି କଷ୍ଟକର ହୋଇପଡିଛି। ଏପରିକି ୨ଟି ଚାରିଚକିଆ ଯାନ ପରସ୍ପର ଅତିକ୍ରମ କରିବା କଷ୍ଟକର।

- **୨ ପୋଲ ନିର୍ମାଣ ପରେ ମଧବର୍ତ୍ତୀ ରାସ୍ତା ମରାମତି ହୋଇନି**
- **ପିଚୁ, ମେଟାଲ ଉଠି ବିପଦସଙ୍କୁଳ ହୋଇପଡ଼ିଛି**
- **ଆଳିପିଙ୍ଗଳରୁ ନିଆଳି, ଚାରିଛକ ରାସ୍ତା ୨ ଲେନ୍ କରିବାକୁ ଦାବି**

ଯେତେବେଳେ କାଳଖ ନିକଟରେ ପୋଲ ହୋଇ ନ ଥିଲା ତା'ପୂର୍ବରୁ ଖୁବ କମ୍ ସଂଖ୍ୟକ ଗ୍ରାମର ଲୋକେ ଏହି ଅଣଓସାରିଆ ନଦୀବନ୍ଧ ରାସ୍ତାରେ ଯାତାୟାତ କରୁଥିଲେ। ପୋଲ ୨ଟି ହେଲାପରେ ଦୈନିକ ବହୁ ଲୋକ ଉକ୍ତ ରାସ୍ତାରେ ଗମନାଗମନ କରୁଛନ୍ତି। କିନ୍ତୁ ରାସ୍ତାରୁ ପିଚୁ ଓ ମେଟାଲ ଉଠିଯାଇଛି। ଫଳରେ ବାସ୍ତବ ଲକ୍ଷ୍ୟ ପୂରଣ ତ ଦୂରର କଥା ବରଂ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ଏପରି କି ଅନେକ ସ୍ଥାନରେ ଆଣ୍ଠୁଏ ଲେଖାଏଁ ଖାଲ ହୋଇଛି। ଏହା ଦୁର୍ଘଟଣାର କାରଣ ପାଲଟିଛି। ସରକାର ଉଭୟ ପୋଲ ନିକଟରେ ୨ଟି ବାଲିଘାଟ



ନିଲାମ ଦେଇଛନ୍ତି। ଏ ବାବଦରେ ଭଲ ରାଜସ୍ୱ ପାଉଛନ୍ତି। କିନ୍ତୁ ରାସ୍ତା ନବୀକରଣ କରୁନାହାନ୍ତି। ଏନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଉକ୍ତ ରାସ୍ତାକୁ ୨ ଲେନ୍ କରିବାକୁ ଦାବି ହୋଇଛି।

ଅତୀତରେ ଜଗତ୍‌ସିଂହପୁରରୁ ଚାରିଛକ ଭାୟା ପହଙ୍ଗା-କାଳଖ ରାସ୍ତା ୨ ଲେନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଉପକୂଳ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଥିଲା। ଏହି ରାସ୍ତା ରାଜ୍ୟ ରାଜପଥରେ ଅନ୍ତର୍ଭୁକ୍ତ କରାଗଲେ ଉଭୟ ଜଗତ୍‌ସିଂହପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲାର ଲକ୍ଷାଧିକ ଲୋକ ଉପକୃତ ହେବେ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଦାବିପତ୍ରରେ ଉଲ୍ଲେଖ ଥିଲା ଉକ୍ତ ରାସ୍ତା ପ୍ରଶସ୍ତ ହେଲେ ରାଜ୍ୟ ସରକାର ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ। ଏ ସମ୍ପର୍କରେ,ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନାଗରିକ ବିଦ୍ୟାଧର ରାଉତ, ବିପିନ ବିହାରୀ ବାରିକ, ପ୍ରଭାସ କୁମାର ସ୍ୱାଇଁ, ବଟକୃଷ୍ଣ ମଲ୍ଲିକ, ଏକବେରୁଆ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ସିଠାଲୋ ସରପଞ୍ଚ କବିତା ମହାପାତ୍ର ପ୍ରମୁଖ କହିଛନ୍ତି,ଦେବୀ ନଦୀର ଏରଡ଼ା-କାଳଖଠାରେ ପୋଲ ନିର୍ମାଣ ହେଲା ପରେ ଏହି ରାସ୍ତାର ଗୁରୁତ୍ୱ ବଢ଼ିଯାଇଛି। କାରଣ ଜଗତ୍‌ସିଂହପୁରରୁ ପୁରୀ, କୋଣାର୍କ, ଭୁବନେଶ୍ୱର ଆଦି ଯାତାୟାତ ପାଇଁ ଦୂରତା ଆଶାଜନକ କମିଯାଇଛି। ଏହି ବାଟ ଦେଇ ନିଆଳି ବ୍ଲକ ସମେତ ଖୋର୍ଦ୍ଧା ଜିଲାର ବାଲିପାଟଣା ଓ ପୁରୀ ଜିଲାର ବହୁ ସଂଖ୍ୟକ ଲୋକ ଜଗତ୍‌ସିଂହପୁର, ପାରାଦୀପ, ମା ଶାରଳା ପୀଠ, ଗୋରେଖନାଥ ପୀଠ ସମେତ ଜଗତ୍‌ସିଂହପୁର ଜିଲାର ଏକାଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯାତାୟାତ କରୁଛନ୍ତି। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜଗତ୍‌ସିଂହପୁର-ଚାରିଛକ ଓ ଜଗତ୍‌ସିଂହପୁର-ନିଆଳି ରାସ୍ତାକୁ ରାଜ୍ୟ ରାଜପଥ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨ ଲେନ୍ କରାଯାଉ ବୋଲି ଉପରୋକ୍ତ ବ୍ୟକ୍ତିଙ୍କ ସମେତ ଏରଡ଼ା ଗ୍ରାମର ସଞ୍ଜୟ କୁମାର ବିଶ୍ୱାଳ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସରୋଜ କୁମାର ନାୟକ, ସିଠାଲୋର ରାମଚନ୍ଦ୍ର ସାହୁ, ସରୋଜ ନାୟକ, ଜଗତ୍‌ସିଂହପୁରର ସୁକା ଲେଙ୍କା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ପାରୁଲ ପଟୱାରୀଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।

# ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନିୟମିତତା

- ପଞ୍ଚାୟତବାସୀ ବିଡିଓ, ତହସିଲଦାରଙ୍କୁ ଲିଖିତ ଅଭିଯୋଗ କଲେ
- ଶ୍ରମିକ ବଦଳରେ ମେଶିନରେ କାମ ହେଉଛି
- କାମ ଆରମ୍ଭ ପୂର୍ବରୁ ନିର୍ମାଣ ସୂଚନା ଫଳକ ହେଉନି

**ନୂଆଗାଁ, ୨୧।୨ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବେରୁହାଁବାରୀ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ହେଉଥିବା କାର୍ଯ୍ୟଗୁଡିକରେ ଅନିୟମିତତା ନେଇ ପଞ୍ଚାୟତବାସୀ ମଙ୍ଗଳବାର ବିଡିଓ ଓ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ବିଷୟରେ ଜିଲାପାଳ ନୟାଗଡ଼ , ଜିଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିବା ଲିଖିତ ଅଭିଯୋଗରେ ଦର୍ଶାଯାଇଛି। ରାଜ୍ୟର ଶ୍ରମିକମାନେ ଦାଦନ ଖଟିବାକୁ ନ ଯାଇ ନିଜ ଘର ପାଖରେ ଶହେ ଦିନର କାମ କରି ପରିବାର ପ୍ରତିପୋଷଣ ଉଦ୍ଦେଶ୍ୟରେ ଏମ୍‌ଜିଏନ୍‌ଆରଇଜିଏସ୍ ପ୍ରସ୍ତୁତ କରାଯାଇଛି। କିନ୍ତୁ ବେରୁହାଁବାରୀ ପଞ୍ଚାୟତରେ ତାହାର ବ୍ୟତିକ୍ରମ ହେଉଥିବା ନେଇ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାକ୍ଷର ଥାଇ ଏକ ଅଭିଯୋଗ ପତ୍ର ବିଡିଓଙ୍କୁ ଦିଆଯାଇଛି। ଅଭିଯୋଗ ମୁତାବକ, ପଞ୍ଚାୟତରେ ବେରୁହାଁବାରୀଠାରୁ ଚାକୁଣ୍ଡାପଲି ରାସ୍ତା, ଚାକୁଣ୍ଡାପଲି ମଣିଆକୋଟଠାରୁ ବେରୁହାଁବାରୀ ରାସ୍ତା, ବଧୁଲିପୁର-ମଣିଆକୋଟ ମଙ୍ଗଳାଗଣ୍ଡ ଆଡିବନ୍ଧ, ଯଦୁପଲି ଶ୍ମଶାନ ପୋଖରୀ, ବେରୁହାଁବାରୀ ପଞ୍ଚାୟତ ହାଇସ୍କୁଲ ଖେଳପଡିଆ ଓ ପୋଖରୀ ଖନନ କାର୍ଯ୍ୟ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କରାଯାଉଛି। ତେବେ କାର୍ଯ୍ୟ ପୂର୍ବରୁ କାର୍ଯ୍ୟସ୍ଥଳ ନିକଟରେ ପ୍ରଥମେ ସୂଚନା ଫଳକ ଲଗାଇବାର ନିୟମ ଥିଲେ ମଧ୍ୟ ତାହା କରାଯାଉନାହିଁ। ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଶ୍ରମିକମାନଙ୍କ ଦ୍ୱାରା କରାଯିବା ଉଦ୍ଦେଶ୍ୟରେ ଅନୁଦାନ ଦିଆଯାଉଛି। ହେଲେ ଠିକାଦାର ଶ୍ରମିକମାନଙ୍କ ବଦଳରେ ଜେସିବି ଓ ଟ୍ରାକ୍ଟର ଲଗାଇ କାମ କରି ଶ୍ରମିକମାନଙ୍କ ଜବ୍‌କାର୍ଡ ମାଧ୍ୟମରେ ଅନୁଦାନ ଲୁଟ କରୁଛନ୍ତି। ଗାଁ ସାଥୀ ଓ ଜିଆରଏସ୍‌ଙ୍କଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀମାନେ ମୋଟା ଅଙ୍କର ପିସି ନେଇ ସରକାରଙ୍କୁ ଭୁଲ ତଥ୍ୟ ଦେଇ ଅନୁଦାନକୁ ହଡପ କରୁଥିବା ଅଭିଯୋଗ ହେଉଛି। ଶ୍ରମିକମାନଙ୍କ ଜାଲ ଦସ୍ତଖତ କରି ମେଶିନ ମାଲିକ ଓ ଠିକାଦାର ଅନୁଦାନ ଲୁଟିଛନ୍ତି। ଏଥିଯୋଗୁ ଶ୍ରମିକମାନେ କାମ ନ ପାଇ ଦାଦନ ଯିବାକୁ ବାଧ୍ୟ ହେଉଛନ୍ତି। ଏମ୍‌ଜିଏନ୍‌ଆରଇଜିଏସ୍‌ର ନିୟମ ଅନୁସାରେ କାମରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଫଟୋ ପ୍ରତିଦିନ ଏହାର ସାଇଟରେ ଅପଲୋଡ କରିବା କଥା। କିନ୍ତୁ ଗୋଟିଏ ଫଟୋକୁ ପ୍ରତି କାର୍ଯ୍ୟରେ ଅପଲୋଡ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ସେହିପରି ଜେସିବି ଓ ଟ୍ରାକ୍ଟର ମାଲିକ ରାଜସ୍ୱ ଫାଙ୍କି ବିଭିନ୍ନ ସ୍ଥାନରେ ମାଟି କାମ କରୁଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଫାଇନ ଆଦାୟ କରାଯାଉନାହିଁ। ତେଣୁ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାର୍ଯ୍ୟ କରୁଥିବା ଜେସିବି ଓ ଟ୍ରାକ୍ଟର ମାଲିକଙ୍କଠାରୁ ରାଜସ୍ୱ ଆଦାୟ ପାଇଁ ପଞ୍ଚାୟତବାସୀ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ତହସିଲଦାର ନାୟକ ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପଞ୍ଚାୟତବାସୀଙ୍କୁ କହିଛନ୍ତି। ପଂଚାୟତବାସୀଙ୍କ ଅଭିଯୋଗ ବାବଦରେ କନିଷ୍ଠ ଯନ୍ତ୍ରୀ ପଞ୍ଚାନନ ବିଶୋଇଙ୍କୁ ପଚାରିବାରେ ବିଡିଓ ଅଭିଯୋଗ ପାଇଛନ୍ତି। ତେବେ ତଦନ୍ତ ପରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ବେରୁହାଁବାରୀ ପଞ୍ଚାୟତବାସୀ ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

## ନୟାଗଡ଼ ଟାଉନ ରେଳଷ୍ଟେଶନରେ ଜାତୀୟ ପତାକାକୁ ଅସମ୍ମାନ



**ନୟାଗଡ଼ ଅଫିସ,୨୧।୨ (ଡି.ଏନ୍.ଏ.)**

ନୟାଗଡ଼ ଟାଉନ ରେଳ ଷ୍ଟେଶନରେ ଚିରା ଯାଇଥିବା ଜାତୀୟ ପତାକା ଉଡୁଛି। ଏହାକୁ ଅବତରଣ କରିବାକୁ ସାଧାରଣରେ ଦାବି ହେଉଛି। ହେଲେ ରେଳ ବିଭାଗ ସ୍ଥାନୀୟ ଲୋକଙ୍କ ଦାବିକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଚିରା ପତାକା କାଢ଼ିବାକୁ ରେଳ ବିଭାଗ ପକ୍ଷରୁ ପଦକ୍ଷେପ ନିଆ ଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଷ୍ଟେଶନ ମାଷ୍ଟର ସଞ୍ଜୟ ପ୍ରଧାନଙ୍କୁ ପଚାରିବାରେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ହେଲେ ପତାକାକୁ ଆମେ କାଢ଼ି ପାରିବୁ ନାହିଁ। ଏ ଦିଗରେ ରେଳ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଅତିରିକ୍ତ ସଚିବଙ୍କ ସମୀକ୍ଷା

**ନୟାଗଡ ଅଫିସ,୨୧।୨:** ଓଡିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତର ସିଇଓ ତଥା ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ଅତିରିକ୍ତ ସଚିବ ଗୁହ ପୁନମ ତାପସ କୁମାର ନୟାଗଡ ଜିଲାକୁ ଏକଦିବସୀୟ ଗସ୍ତ କରି ଫେରି ଯାଇଛନ୍ତି । ଗୁହ ପୁନମ ତାପସ କୁମାର ରଣପୁରର ଭୃଗ ଡାଲି ଓ ପନିପରିବା କ୍ଲଷ୍ଟରକୁ ଯାଇଥିଲେ । ସେହିପରି ଓଡଗାଁ ବ୍ଲକର ରାବେରା ଛତୁ ୟୁନିଟ୍ କୁ ଯାଇଥିଲେ । ସେଠାରେ ଚାଷୀଙ୍କୁ ଚାଷର ସୁବିଧା, ଅସୁବିଧା ଓ କଣ କରାଗଲେ ଅଧିକ ଲାଭ ହେବ ସେନେଇ ପଚାରି ବୁଝିଥିଲେ । ପରବର୍ତ୍ତି ସମୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଥିଲେ । ଗୁହ ପୁନମ ତାପସ କୁମାରଙ୍କ ସହ ଓରମାସର ଯୁଗ୍ମ ସିଇଓ ବିପିନ କୁମାର ରାଉତ, ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଉପଜିଲାପାଳ ଶକ୍ତିକାନ୍ତ ରାୟ ସମୀକ୍ଷା କରିଥିଲେ । ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

### ଦଶପଲ୍ଲାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**ନୟାଗଡ଼ ଅଫିସ/ ଦଶପଲ୍ଲା,୨୧।୨(ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଅଧକ୍ଷତା କରିଥିଲେ। ପଞ୍ଜୀକୃତ ୭୯ଟି ଅଭିଯୋଗ ମଧ୍ୟରୁ ୬୫ଟି ବ୍ୟକ୍ତିଗତ ,୬ଟି ସାମୂହିକ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ୍ ବାବଦୀୟ ୮ଟି ଅଭିଯୋଗ ଥିଲା। ଏଥିରୁ ୧୦ଟି ଅଭିଯୋଗର ସମାଧାନ ହୋଇଛି। ଅନ୍ୟଗୁଡିକ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଅଲେଖ ଚନ୍ଦ୍ର ପହି, ଜିଲା ପରିଷଦର ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଦଶପଲ୍ଲା ତହସିଲଦାର ଓ ଜିଲାସ୍ତରୀୟ ଅଧିକାରୀମାନେ ସାମିଲ ଥିଲେ।

### ସୋମନାଥ ବଜାର ବଣିକ ସଂଘର ବାର୍ଷିକୋତ୍ସବ

**ଦଶପଲ୍ଲା,୨୧।୨(ଡି.ଏନ.ଏ.):** ଦଶପଲ୍ଲା ସୋମନାଥ ବଜାର ବଣିକ ସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଦଶପଲ୍ଲା ମହାବୀର ବଣିକ ମହାସଂଘର ସଭାପତି ଅଲେଖ ସାହୁ, ଉପସଭାପତି ଉମାକାନ୍ତ ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସହସମ୍ପାଦକ ସନ୍ତୋଷ କୁମାର ମିଶ୍ର, ଉପଦେଷ୍ଟା ନାରାୟଣ ମହାନ୍ତି, କୋଷାଧକ୍ଷ ବିଜୟ କୁମାର ଅଗ୍ରୱାଲା ପ୍ରମୁଖ ଯୋଗ ଦେଇଥିବା ବେଳେ ୧୩ଟି ବଣିକ ସଂଘର ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ। ସଂଘରେ ସାମିଲ ଥିବା ସମସ୍ତ ବ୍ୟବସାୟୀ ଏକତ୍ର ହୋଇ କାର୍ଯ୍ୟ କଲେ ମହାସଂଘ ସୁଦୃଢ଼ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ଆସନ୍ତା ୨୧ ତାରିଖରେ ହେବାକୁ ଥିବା ମହାସଂଘର ବାର୍ଷିକ ଉତ୍ସବରେ ସମସ୍ତ ବ୍ୟବସାୟୀ ଯୋଗ ଦେବାକୁ ସଭାପତି ଅଲେଖ ସାହୁ ସୂଚନା ଦେଇଥିଲେ। ଏହି ସଭାକୁ ସୋମନାଥ ବଜାର ବଣିକ ସଂଘର ଆଇନ ପରାମର୍ଶଦାତା ତଥା ବରିଷ୍ଠ ସଦସ୍ୟ ଆଲୋକ ସେନାପତି ପରିଚାଳନା କରିଥିଲେ।

### ବ୍ୟବସାୟୀଙ୍କ ବିୟୋଗରେ ଶୋକସଭା

**ଦଶପଲ୍ଲା, ୨୧।୨ (ଡି.ଏନ.ଏ.)** ଦଶପଲ୍ଲା ଦୁର୍ଗା ବଜାରର ବରିଷ୍ଠ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସୋମବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଦୁର୍ଗା ବଜାର ମଙ୍ଗଳବାର ବନ୍ଦ ରହିଥିଲା।ଏ ନେଇ ଦୁର୍ଗା ବଜାର ବଣିକ ସଂଘ ପକ୍ଷରୁ ଏକ ଶୋକସଭା ବଜାରରେ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ବଣିକ ସଂଘ ସଭାପତି ସନୋଜ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବଜାରର ବହୁ ସଦସ୍ୟ ତାଙ୍କ ଗୁଣାବଳୀ ଉପରେ ଉଦ୍‌ବୋଧନ ଦେଇଥିଲେ। ପୂର୍ବାହ୍ନରେ ତାଙ୍କ ବାସ ଭବନରେ ବଣିକ ସଂଘର ବହୁ ସଦସ୍ୟ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଜଗନ୍ନାଥ ଜୀଉଙ୍କ ଦଖଲକୁ ଜମି ଫେରିଲା

**ସେବା ନ କରି ରୟତ ପଟା ସେବାୟୀ କରିଥିଲେ**

**ନୟାଗଡ଼ ଅଫିସ,୨୧।୨**

ସେବା ନ କରି ରୟତି ପଟା କରି ହାତେଇଥିବା ଜମି ସମ୍ପର୍କିତ ଅଭିଯୋଗ ହାଇକୋର୍ଟରେ ଖାରଜ ହେବା ପରେ ନୟାଗଡ଼ ବ୍ଲକ ଇଟାମାଟି ଗାଁର ଶ୍ରୀଜଗନ୍ନାଥ ଜୀଉଙ୍କର ଦଖଲକୁ ଫେରିଛି। ଠାକୁରଙ୍କ ୭ ଏକର ଜମିକୁ ପୂର୍ବତନ ସେବାୟତଙ୍କଠାରୁ ଉଚ୍ଛେଦ କରି ଜଗନ୍ନାଥ ଜୀଉଙ୍କର ଟ୍ରଷ୍ଟଙ୍କୁ ଇଟାମାଟି ସରପଞ୍ଚ, ଜିଲା ପରିଷଦ ସଭ୍ୟ ଓ ଗ୍ରାମବାସୀ ମଙ୍ଗଳବାର ମଡାଣ ଦେଇଥିବା ପୂର୍ବତନ ସରପଞ୍ଚ ମନୋଜ ସାହୁ ଓ ଟ୍ରଷ୍ଟି ଜଗନ୍ନାଥ ପାତ୍ର କହିଛନ୍ତି। ମନୋଜ ସାହୁଙ୍କ ସୂଚନା ଅନୁସାରେ, ଜଗନ୍ନାଥ ଜୀଉଙ୍କର ୭ ଏକର ଜମିକୁ ଇଟାମାଟି ଗାଁର ଅଗାଧୁ କର ଓ ବିଲାସିନୀ ଦେଈ ଦମ୍ପତି ୧୯୬୬ ମସିହାରୁ ବେବନ୍ଦୋବସ୍ତ କେସ୍ କରି ନିଜ ନାଁରେ ରୟତ ପଟ୍ଟା କରି ନେଇଥିଲେ। ତେବେ ଠାକୁରଙ୍କର ସେବା କରୁ ନ ଥିଲେ। ଏଣୁ ଟ୍ରଷ୍ଟବୋର୍ଡ ପକ୍ଷରୁ ଟ୍ରଷ୍ଟି ବୋର୍ଡ ଅଫ ରେଭିନିଉ କଟକରେ ରିଭିଜନ କେସ୍ ଓଏସ୍‌ଏସ୍ ୨୩୪୬ ଓ ୨୩୪୭/୨୦୦୯ରେ କରାଯାଇଥିଲା। ସମ୍ପୃକ୍ତ କେସ ଟ୍ରଷ୍ଟ ବୋର୍ଡ ସପକ୍ଷରେ ଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ବିଲାସିନୀଙ୍କ ପରିବାର ହାଇକୋର୍ଟରେ ଟ୍ରଷ୍ଟଙ୍କ ବିରୋଧରେ ଡବ୍ଲ୍ୟୁପିସି ୧୬୩୯୫/୨୦୧୨ରେ ମକଦ୍ଦମା କରିଥିଲେ। ଉକ୍ତ ମକଦ୍ଦମା ୨୦୨୩ ଜାନୁୟାରୀ ୧୧ରେ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ କୋର୍ଟରେ ଖାରଜ ହୋଇଥିଲା। କୋର୍ଟ ଅର୍ଡର ବଳରେ ସୋମବାର ଇଟାମାଟି ଗାଁ ଲୋକ ଜଗନ୍ନାଥଙ୍କ ପୀଠରେ ଏକ ସଭା କରିଥିଲେ। ସଭାରେ ନିଷ୍ପତି ମୁତାବକ ଜବରଦଖଲ ଜମିକୁ ଉଚ୍ଛେଦ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

## ନିୟମକାନୁନ ନାହିଁ, ନିଜ ଇଚ୍ଛାରେ ପରୀକ୍ଷା କରାଯାଉଛି

**ନୂଆଗାଁ,୨୧।୨(ଡି.ଏନ.ଏ.)**

ନିଜ ଦକ୍ଷତା ଓ ପାଠ ପଢାକୁ ନେଇ ଛାତ୍ରୀଛାତ୍ରମାନଙ୍କୁ ଚିହ୍ନଟ ପାଇଁ ବିଭିନ୍ନ ନିୟମ କାନୁନ୍ ପ୍ରସ୍ତୁତ କରିବା ସହ ସେଗୁଡ଼ିକୁ କଡ଼ାକଡ଼ି କରି ପରୀକ୍ଷା କରିବାର ବ୍ୟବସ୍ଥା କରାଯାଇଛି। କିନ୍ତୁ କେତେଜଣ ଅସାଧୁ ଶିକ୍ଷକଙ୍କ ଅପାରଗତା ଓ ମନମୁଖି କାମ ଯୋଗୁ ସେଥିରେ ସୁଫଳ ମିଳୁନାହିଁ। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ। ନବମ ଶ୍ରେଣୀର ସମ୍ମାଟିଭ ଆସେସମେଣ୍ଟ-୨ ପରୀକ୍ଷା ପାଇଁ ରହିଥିବା ନୀତି ନିୟମକୁ ନ ମାନି ନିଜ ଇଚ୍ଛାରେ ପ୍ରଧାନ ଶିକ୍ଷକ ପରୀକ୍ଷା କରାଉଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ସ୍କୁଲରେ ନବମ ଶ୍ରେଣୀରେ ମାତ୍ର ୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସେଥିମଧ୍ୟରୁ ପରୀକ୍ଷାର ପ୍ରଥମଦିନରେ ୫ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ବେଳେ ଶେଷ କରିବାର ନିୟମ ରହିଛି। କିନ୍ତୁ ଏହି ସ୍କୁଲରେ ଅପରାହ୍ନ ସାଢେ ୧ଟା ପର୍ଯ୍ୟନ୍ତ ୫ ପରୀକ୍ଷାର୍ଥୀଙ୍କ ପରିବର୍ତ୍ତେ ୧୫ ଜଣ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରେ ବସିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସ୍କୁଲର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ନାୟକଙ୍କୁ ପଚାରିବାରୁ ପିଲାମାନେ ଡେରିରେ ଆସିଥିବା କହିଥିଲେ। ପରୀକ୍ଷା କେନ୍ଦ୍ରରେ ଅଧିକ ସଂଖ୍ୟକ ପିଲାଙ୍କ ବାବଦରେ ପଚାରିବାରୁ ଅଷ୍ଟମ ଶ୍ରେଣୀ ପିଲା ବସିଥିବା କଥା କହିଥିଲେ। ଅବହେଳା ଯୋଗୁ ଏହି ପରୀକ୍ଷା କେନ୍ଦ୍ରର ଦାୟିତ୍ୱ କାହାରିକୁ ଦେଇ ନ ଥିବା ସ୍ୱୀକାର କରିଥିଲେ। ଏ ନେଇ ନୂଆଗାଁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର କରଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଦଶପଲ୍ଲା ମହାବୀର ବଣିକ ମହାସଂଘର ବାର୍ଷିକତ୍ସବ




ମଞ୍ଚାସୀନ ବରିଷ୍ଠ କର୍ମକର୍ତ୍ତା।

**ଦଶପଲ୍ଲା,୨୧।୨(ଡି.ଏନ୍.ଏ.)**

ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ, ମହାବୀର ବଣିକ ମହାସଂଘର କାର୍ଯ୍ୟାଳୟଠାରେ ଦ୍ୱାଦଶ ତମ ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ପାଳିତ ହୋଇଯାଇଛି। ପୂର୍ବାହ୍ନରେ ବିଶ୍ୱକର୍ମା ବଜାରଠାରୁ ପଟୁଆର ଆରମ୍ଭ ହୋଇ ତ୍ରିନାଥ ବଜାର, ଗଜାନନ ବଜାର, ବୀଣାପାଣି ବଜାର, ଦୁର୍ଗାବଜାର, ଶୁଲୁକୁଟି ବଜାର, ହନୁମାନ ବଜାର, ଲକ୍ଷ୍ମୀ ବଜାର, ଗଣେଶ ବଜାର ପରିକ୍ରମା କରି ଦଶପଲ୍ଲାର ଆରାଧ୍ୟ ଠାକୁର ମହାବୀର ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ମହାସଂଘ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ମହାପୁରୁଷଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଥିଲା। ସଭା ଆରମ୍ଭରେ ପରଲୋକଗତ ବଣିକ ଭାଇ, ଦିବଙ୍ଗତ ଯବାନମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସନ୍ତୋଷ କୁମାର ସାହୁ ଓ ଶ୍ରୀଧର ସାହୁଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବୀର ବଣିକ ମହାସଂଘର ସଭାପତି ଅଲେଖ କୁମାର ସାହୁ, ଉପସଭାପତି ଉମାକାନ୍ତ ସାହୁ, ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସହ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, କୋଷାଧକ୍ଷ ସଜନ କୁମାର ଅଗ୍ରୱାଲ ଏବଂ ସଂଘର ବରିଷ୍ଠ ଉପଦେଷ୍ଟାମାନେ ଓ ୧୪ଟି ବଜାରରୁ ଆସିଥିବା ସଭାପତି ଓ ସମ୍ପାଦକମାନେ ଯୋଗଦାନ କରି ବ୍ୟବସାୟୀ ଏକତା ଉପରେ ଉଦ୍‌ବୋଧନ ଦେଇଥିଲେ। ମହାସଂଘର ଏହି ବାର୍ଷିକ ଉତ୍ସବ ଯୋଗୁଁ ୧୪ଟି ବଜାର ପୂର୍ବାହ୍ନରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବନ୍ଦ ରହିଥିଲା।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ରଣପୁର, ୨୧।୨(ସ୍ୱ.ପ୍ର.)**

ରଣପୁର ଶାମୁକା ସହିଠାରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୫ମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାକେନ୍ଦ୍ରର ଅଧକ୍ଷ ପ୍ରହ୍ଲାଦ ମାନସିଂ ମୁଖ୍ୟବକ୍ତା ଭାବେ ନୟାଗଡ଼ ଜିଲା ଖାଉଟି ଅଦାଲତର ସଭାପତି ନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ରଣପୁର ମହାବିଦ୍ୟାଳୟର ପୂର୍ବତନ ଅଧାପକ ବିଜୟ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ସଭାକାର୍ଯ୍ୟ ଶିକ୍ଷକ ବୈକୁଣ୍ଠନାଥ ମହାପାତ୍ର ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ଲକ୍ଷ୍ମୀପ୍ରିୟା ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶରତ କୁମାରୀ ଦେବୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ କହିଥିଲେ, ଶିକ୍ଷା ହିଁ ଶିଶୁ ତଥା ଗ୍ରାମ ଓ ସହରର ବିକାଶର ମୂଳମନ୍ତ୍ର ଅଟେ। ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲ। ଶେଷରେ ଶିକ୍ଷକ ଅମିତ ରଥ ଧନ୍ୟବାଦ ଦେଇଥିଲେ। ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଅତିଥିମାନଙ୍କ ଗହଣରେ କୃତୀ ଛାତ୍ର।

# ଖଣ୍ଡପଡ଼ା ବ୍ଲକରେ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

**ଖଣ୍ଡପଡ଼ା,୨୧।୨(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳରୁ ୨୦୫ ଜଣ ଶିକ୍ଷିତ ବେକାର ଯୁବତୀଯୁବକ ଶିବିରରେ ଉପସ୍ଥିତ ରହି ନାମ ପଞ୍ଜୀକରଣ କରିଥିଲେ। ଏଥିରେ ଉପସ୍ଥିତ ୬ଟି ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ ସହ ନିଯୁକ୍ତି ନିମନ୍ତେ ୯୭ ଜଣ ଆବେଦନକାରୀଙ୍କୁ ଚୟନ କରିଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ଏତଦ୍ ବ୍ୟତୀତ ଶିବିରରେ ଯୋଗ ଦେଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ୮୨ଜଣ ଛାତ୍ରୀଛାତ୍ରଙ୍କୁ ନୟାଗଡ଼ ଖୁଣ୍ଟୁବନ୍ଧସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର କର୍ତ୍ତୃପକ୍ଷ ଓ ଓଡ଼ଗାଁସ୍ଥିତ ପଲିଟେକ୍‌ନିକ କର୍ତ୍ତୃପକ୍ଷ ମାଟ୍ରିକ ପରୀକ୍ଷା ପାସ ପରେ ବୈଷୟିକ ଶିକ୍ଷା ନିମନ୍ତେ ପଲିଟେକ୍‌ନିକ ନ ହେଲେ ଆଇଟିଆଇରେ ନାମ ଲେଖାଇବାକୁ ପରାମର୍ଶ ଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶିବିରରେ ଅତିଥି ଭାବେ ବିଡିଓ ଅରୁଣିମା ସାହୁ, ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଜିଲା ନିୟୋଜନ ଅଧିକାରୀ ଦୁର୍ଗା ଚରଣ ଦାସ, ବରିଷ୍ଠ ଅଧିକାରୀ ସୌମ୍ୟ ଶାଶ୍ୱତ ମିଶ୍ରଙ୍କ ସମେତ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଉଚ୍ଚ ଶିକ୍ଷା କିମ୍ବା ବୈଷୟିକ ଶିକ୍ଷା ଗ୍ରହଣ କରି ଶିକ୍ଷିତ ବେକାର ଯୁବତୀଯୁବକମାନେ ଆତ୍ମନିର୍ଭରଶୀଳ ହେବା ସହ କିଭଳି ଶିଳ୍ପୋଦ୍ୟୋଗୀ ହୋଇପାରିବେ ସେ ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନେ ଶିବିରାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିରରେ ଉପସ୍ଥିତ ଅତିଥିମାନେ।

# କ୍ଲଷ୍ଟର ସ୍ତରୀୟ ଆମ ସଂସ୍କୃତି ଆମ ଖେଳଣା କର୍ମଶାଳା

**ନୟାଗଡ଼ ଅଫିସ/ ଶରଣକୁଳ,୨୧।୨(ଡି.ଏନ.ଏ.)**

ନୟାଗଡ଼ଜିଲା ଓଡ଼ଗାଁ ବ୍ଲକ ଆଙ୍ଗିସିଙ୍ଗି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଆମ ସଂସ୍କୃତି ଆମ ଖେଳଣା କର୍ମଶାଳା ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ସୋମବାର ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଭାଗ୍ୟଲତା ଦାଶ ଉଦ୍‌ଘାଟନ କରିଥିଲେ। କୁବେର ଲୋକନାଥ ବିଦ୍ୟାପୀଠ ବଡଗୋରଡ଼ାର ପ୍ରଧାନ ଶିକ୍ଷକ ଅଶୋକ କୁମାର ରଥ ଅତିଥି ରୂପେ ଯୋଗଦେଇଥିଲେ। ୨ ଅତିଥି ନିଜ ବକ୍ତବ୍ୟରେ କହିଥିଲେ, ଲୋକ କଳା ଓ ଲୋକ ସଂସ୍କୃତି ବେଳକୁ ବେଳ ହଜି ଚାଲିଛି। ଏହାର ପୁନରୁଦ୍ଧାର କରିବା ସହ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବା ନେଇ କାର୍ଯ୍ୟକ୍ରମ କରାଯାଉଛି। ଶିକ୍ଷକ ପ୍ରଶାନ୍ତ କୁମାର ଦାଶ, ଶ୍ରବଣ କୁମାର ସାହୁ, ରଞ୍ଜିତା ଷଡ଼ଙ୍ଗୀ ରିସୋର୍ସ ପର୍ଶନ ରୂପେ ଯୋଗଦେଇ, କାଗଜ, ମାଟି, ସୋଲ, ସବୁଜ ପତ୍ର, ବାଉଁଶ, କନା ଆଦି ଜିନିଷକୁ ବ୍ୟବହାର କରି ବିଭିନ୍ନ ହସ୍ତକଳା ନିର୍ମାଣ ଶୈଳୀ ଶିଖାଇ ଥିଲେ। ମଙ୍ଗଳବାର କର୍ମଶାଳାର ଉଦ୍‌ଯାପନୀ ଦିବସରେ ଓଡ଼ଗାଁ ବ୍ଲକ ଶିକ୍ଷା ଅଧିକାରୀ ଗୀତାଞ୍ଜଳି ସାହୁ, ଆଙ୍ଗିସିଙ୍ଗି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୋଦା ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ। ଶରଣକୁଳ, ଆଙ୍ଗିସିଙ୍ଗି, ଗୋଡିପଡା, ବଡ କୁଟୁଣି ଓ ଭାଲିଆଡ଼ିହି ପରି ୫ଟି କ୍ଲଷ୍ଟରର ୧୦୦ ଜଣ ତାଲିମପ୍ରାପ୍ତ ଶିକ୍ଷକ ମାନଙ୍କ ଦ୍ୱାରା କରାଯାଇଥିବା ହସ୍ତକଳା ଓ ଖେଳଣାଗୁଡିକୁ ପରିଦର୍ଶନ କରି ଏହାକୁ ଛାତ୍ର ଛାତ୍ରୀଙ୍କ ସୃଜନଶୀଳତାର ବିକାଶ ଓ ବିନିଯୋଗ କରିବାରେ ସହାୟତା ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାକୁ ସିଆରସିସି ରବୀନ୍ଦ୍ର କୁମାର ଘଡେଇ, ଗୋଦାବରୀ ବସନ୍ତିଆ, ସନ୍ତୋଷ କୁମାର କର, ଟୁକୁନା ସେଠୀ ଓ ସୁରେନ୍ଦ୍ର କୁମାର ଷଡ଼ଙ୍ଗୀ ପରିଚାଳନା କରିଥିଲେ।



କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

